RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -162 | ସଂଖ୍ୟା-୧୬୨
ଭୁବନେଶ୍ୱର, ଶନିବାର, ୦୬ ସେପ୍ଟେମ୍ବର ୨୦୨୫
Bhubaneswar, Saturday, 06, September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

# MANTHAN

# ମନ୍ଥନ

www.odishamanthan.com
RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଗୁରୁ ଦିବସରେ ସମସ୍ତ ଶିକ୍ଷକମାନଙ୍କୁ ନମନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୫।୯(ନି.ପ୍ର.) ଗୁରୁ ଦିବସରେ ସମସ୍ତ ଶିକ୍ଷକମାନଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଗୁରୁ ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦେଶର ପୂର୍ବତନ ରାଷ୍ଟ୍ରପତି ଓ ବିଖ୍ୟାତ ଶିକ୍ଷାବିଦ୍ 'ଭାରତ ରତ୍ନ' ଡ଼ଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମନ କରୁଛି। ଏହାସହିତ ସମାଜକୁ ଦିଗ ଦେଇଥିବା, ଜୀବନକୁ ମୂଲ୍ୟ ଦେଇଥିବା ଓ ଅଜ୍ଞାନକୁ ଦୂର କରି ଜ୍ଞାନର ଦୀପ ପ୍ରଜ୍ୱଳିତ କରୁଥିବା ସମସ୍ତ ଗୁରୁଜନଙ୍କୁ 'ଶିକ୍ଷକ ଦିବସ'ର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷକମାନେ କେବଳ ପାଠ ପଢ଼େଇବାରେ ସୀମିତ ନ ରହି, ଆମକୁ ଚିନ୍ତନ ଶୈଳୀ, ଜୀବନ ଜୀବନ୍ତ କରିବାର କଳା ଓ ଦେଶପ୍ରତି ଦାୟିତ୍ୱବୋଧ ଶିଖାନ୍ତି। ଆସନ୍ତୁ, 'ଶିକ୍ଷକ ଦିବସ' ଅବସରରେ ଆମେ ଆମର ଶିକ୍ଷକମାନେ ପ୍ରତି କୃତଜ୍ଞତା ବ୍ୟକ୍ତ କରିବା ସହିତ ତାଙ୍କର ଆଦର୍ଶକୁ ଜୀବନରେ ଅନୁସରଣ କରିବା ପ୍ରତିଜ୍ଞା କରିବା।

## ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ/ଭୁବନେଶ୍ୱର, ୫।୯(ନି.ପ୍ର.) ପବିତ୍ର 'ଗୁରୁ ଦିବସ' ଅବସରରେ ଶୁକ୍ରବାର ନୂଆଦିଲ୍ଲୀ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡ଼ିଶା ସମେତ ଭାରତବର୍ଷର ୮୧ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ମାନଜନକ 'ଜାତୀୟ ଶିକ୍ଷକ ପୁରସ୍କାର-୨୦୨୫' ପ୍ରଦାନ କରିଛନ୍ତି । ସେଥିମଧ୍ୟରୁ ଭାରତ ସରକାରଙ୍କ ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ୪୫ ଜଣ ଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର'ରେ ସମ୍ମାନିତ କରାଯାଇଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗରେ ୨୧ ଜଣ ଗୁରୁ ଏବଂ ଅନ୍ୟ ବିଭାଗର ଶିକ୍ଷକମାନେ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।



ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ବର୍ଣ୍ଣାଢ୍ୟ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ଆଶୀର୍ବାଦ ଓ ମାର୍ଗଦର୍ଶନ ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । 'ଗୁରୁ ଦିବସ'ର ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ ଶିକ୍ଷାବିତମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଯେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଜି 'ଜାତୀୟ ଶିକ୍ଷକ ପୁରସ୍କାର'ରେ ସମ୍ମାନିତ ହୋଇଛନ୍ତି, ପିଲମାନଙ୍କର ଜୀବନକୁ ଆଲୋକିତ କରିବା ପାଇଁ ସେମାନଙ୍କର ଆଗ୍ରହ ଓ ଇଚ୍ଛାଶକ୍ତି ପ୍ରଂଶସନୀୟ । ବିଶେଷ ଭାବରେ ଶିକ୍ଷାଦାନକୁ ଅଧିକ ଆକର୍ଷଣୀୟ ଓ ଚାପମୁକ୍ତ କରିବା ଦିଗରେ ସେମାନଙ୍କ ଅଭିନବ ପାଠପଢା ଶୈଳୀ ପ୍ରେରଣାଦାୟୀ । ଜାତୀୟ ଶିକ୍ଷା ନୀତିର ଭାବନାକୁ ଆଗକୁ ବଢ଼ାଇବା ପାଇଁ ଶିକ୍ଷକମାନଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଭାରତ ଏହି ଶିକ୍ଷକମାନଙ୍କ ପ୍ରତିବଦ୍ଧତା ପାଇଁ ଗର୍ବିତ ବୋଲି ସେ କହିଛନ୍ତି ।

ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ହୋଇଥିବା ଓଡ଼ିଶାର ବସନ୍ତ କୁମାର ରଣା ଓ ତରୁଣ କୁମାର ଦାଶଙ୍କୁ 'ଏକ୍ସ'ରେ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ ଉଲ୍ଲେଖ କରିଛନ୍ତି "ମାଲକାନଗିରି ଓ କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ଛାତ୍ରଛାତ୍ରୀମାନଙ୍କୁ ଅଭିନବ ଶିକ୍ଷା ପ୍ରଦାନ କରିବା ଦିଗରେ ଆପଣମାନଙ୍କ ଭଳି ଶିକ୍ଷକଙ୍କ ନିଷ୍ଠା ଏବଂ ପାଠ ପଢାଇବାର ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ । ଆପଣମାନଙ୍କ କାର୍ଯ୍ୟ ଶିକ୍ଷା ସମାଜକୁ ସର୍ବଦା ଅନୁପ୍ରାଣିତ କରିବ"। ଏତଦବ୍ୟତୀତ ଦେଶର ପୂର୍ବତନ ରାଷ୍ଟ୍ରପତି ଏବଂ ବିଶିଷ୍ଟ ଶିକ୍ଷାବିତ୍ ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେ ଉଲ୍ଲେଖ କରିଛନ୍ତି, ଗୁରୁମାନେ କେବଳ ପଢିବା ଏବଂ ପଢାଇବାରେ ସୀମିତ ନୁହେଁ ବରଂ ସେମାନେ ଆମକୁ ଚିନ୍ତା କରିବାର ଦୃଷ୍ଟି, ଜୀବନ ଜୀଇଁବାର କଳା ଏବଂ ରାଷ୍ଟ୍ର ପ୍ରତି ଦାୟିତ୍ୱର ଭାବନା ଶିକ୍ଷାଇଥାନ୍ତି ।

## ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୯(ସ୍ୱାଧିକାରନ୍ୟୁଜ): ଆଜିକାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅସିମୀତ ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ ପିଲା ମାନଙ୍କୁ ନିଜ ଇଚ୍ଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମହାନ ରାଷ୍ଟ୍ରନୀତିଜ୍ଞ, ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଡଃ ରାଧାକ୍ରଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ତଥା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ହେଉଛନ୍ତି ଆଦର୍ଶ ସେ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ, ଦାର୍ଶନିକ କିମ୍ବା ରାଷ୍ଟ୍ରନୀତିଜ୍ଞ ନଥିଲେ, ସେ ଥିଲେ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ ଦୁଇଗୋଟି ଆହ୍ୱାନ ରହିଛି। ପ୍ରଥମଟି ହେଲା ଡ୍ରପଆଉଟ୍ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଡ୍ରପ ଆଉଟ୍ ହାରକୁ ରୋକିବା ପାଇଁ ମିଡ୍ ଡେ ମିଲ ବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ୍ ହାର କମ୍ କରିବାରେ ନିଶ୍ଚିତ ରୂପେ ସଫଳ ହେବ ସେହିଭଳି ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି।

ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ୍ କରିକୁଲମ ଫ୍ରେମଓ୍ୱାର୍କ ଆରମ୍ଭ କରାଯାଉଛି। ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡିଶା କାର୍ଯ୍ୟକ୍ରମ ଗତବର୍ଷଠାରୁ ଆରମ୍ଭ ହୋଇଛି ଅଜିଠାରୁ ପଢିବା, ଗଢ଼ିବା ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ।

ସେ ଆହୁରି କହିଥିଲେ, ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ ପ୍ରଥମ ପର୍ଯ୍ୟାୟରେ ୫ରୁ ୭ କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥି ସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ।

ସେ ପୁଣି କହିଥିଲେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡିଶାର ଭିତ୍ତି ନିର୍ଭରଶୀଳ ପିଲାମାନଙ୍କୁ କିପରି ଗାଇଡ୍ କରି ଭଲ ମଣିଷ କରିବେ ତାହା ଆପଣ ମାନେ ଭଲଭାବେ ଜାଣନ୍ତି ସେ ସବୁ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱକୁ ଆପଣମାନେ ସୁଚାରୁରୂପେ ତୁଲାଇବେ ବୋଲି ମୋର ବିଶ୍ୱାସ। ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ସେହିଭଳି ୭୦ ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରିଛନ୍ତି ଏଥିସହିତ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ ଓଡ଼ିଶା କରିକୁଲମ ଫ୍ରେମଓ୍ୱାର୍କ ଫର୍ ସ୍କୁଲ ଇଜୁକେସନ୍-୨୦୨୫ ପୁସ୍ତକ, ନିପୁଣ ଓଡିଶା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହିତ ପଢିବା, ଗଢିବା ଓଡିଶା ଅଭିଯାନର ଶୁଭାରମ୍ଭ କରିଥିଲେ।

## ଦାରୁଠେଙ୍ଗ କେନାଲରେ ଭାସିଗଲେ ନାବାଳକ, ଅଚେତ ଅବସ୍ଥାରେ ଉଦ୍ଧାର

ଭୁବନେଶ୍ୱର, ୫।୯(ନି.ପ୍ର.) ଦାରୁଠେଙ୍ଗ ଗ୍ରାମ ନିକଟରେ ଅଘଟଣ। ଗାଧୋଇବା ବେଳେ କେନାଲରେ ଭାସିଗଲେ ନାବାଳକ ଛାତ୍ର, ଅଚେତ ଅବସ୍ଥାରେ ଉଦ୍ଧାର କଲେ ଅଗ୍ନିଶମ ବାହିନୀ।

ଦାରୁଠେଙ୍ଗ କେନାଲକୁ ୮ଜଣ ଗାଧେଇବାକୁ ଯାଇଥିବା ବେଳେ ଜଣେ ଭାସିଯାଇଥିଲେ। ତେବେ ଏକ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ କେନାଲରୁ ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ଅଚେତ୍ ଅବସ୍ଥାରେ ନିକଟସ୍ଥ ମେଡିକାଲ ପଠାଛନ୍ତି ଅଗ୍ନିଶମ ବାହିନୀ।

## ସହରରେ ଚାଲିବ ୧୦୦୦ ଇ-ବସ

ଭୁବନେଶ୍ୱର, ୫।୯(ନି.ପ୍ର.): ସହରରେ ୧୦୦୦ ଇ-ବସ ଚାଲିବ । ପରିବେଶ ସୁରକ୍ଷା ପାଇଁ ଇ-ବସ ଅଧିକରୁ ଅଧିକ ଚାଲିବ। ବିଭାଗ ଆହୁରି ୨୦୦ ବସ ଆଣିବ । ପ୍ରଧାନମନ୍ତ୍ରୀ ଆହୁରି ୪୦୦ ବସ ପଠେଇବାର ଅଛି। ଆମ ପାଖେ ୪୦୦ ବସ ଆଗରୁ ଅଛି। ତେଣୁ ପାଖା ପାଖି ୧୦୦୦ ବସର ପରିକଳ୍ପନା ହୋଇଛି। ଖୁବ ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ଏବେ ୨୫ଟି ଇ ବସ ଆସିବ, ସମ୍ବଲପୁର ପଠାଯିବ। ପୁଣି ପର୍ଯ୍ୟାୟ କ୍ରମେ ଅନ୍ୟ ବସ ଆସିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।



ଇ-ବସରେ ରହିବ ଐତିହ୍ୟ ଛାପ । ଐତିହ୍ୟ ସୁରକ୍ଷା ପାଇଁ ଆମ ସରକାର ପ୍ରତିବଦ୍ଧ। କୋଟି କୋଟି ଖର୍ଚ୍ଚ କରାଯାଉଛି ଐତିହ୍ୟ ପାଇଁ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ୧୦ ପ୍ରତିଶତ ରିହାତି ଲୋକଙ୍କ ପାଇଁ ମହିଳାଙ୍କ ପାଇଁ ୧୫ ପ୍ରତିଶତ ଛାଡ ଦିଆଯାଉଛି। ଷ୍ଟିକର ପାଇଁ ଖାଲି କାମ ହେଉନାହିଁ, ରେଭିନ୍ୟୁ ପାଇଁ ମଧ କାମ ହେଉଛି। ତେଣୁ ପଇସା ଆସିଲେ ପଇସା ଲୋକଙ୍କ କାମରେ ଲାଗିବ। ଷ୍ଟିକର ଗୁରୁତ୍ୱ ରଖେ ନାହିଁ ବୋଲି ସେ କହିଛନ୍ତି ।

## ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ବାଧ୍ୟତାମୂଳକ

**ଭୁବନେଶ୍ୱର,୫।୯ (ନି.ପ୍ର):** ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାର ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କକୁ ମଜବୁତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ନେଟୱାର୍କ ବ୍ୟବହାର ବାଧ୍ୟତାମୂଳକ ବୋଲି କହିଛନ୍ତି। ଏନେଇ କଡ଼ା ନିର୍ଦ୍ଦେଶନାମା ମଧ୍ୟ ଜାରି କରିଛନ୍ତି।



କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ଇଲୋକ୍ଟ୍ରୋନିକକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସବୁ ବିଭାଗକୁ ଚିଠି ଲେଖିଛି। ଏହି ଆଧାରରେ ଏଣିକି ସମସ୍ତ ସରକାରୀ ପ୍ରତିଷ୍ଠାନରେ ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ, ବ୍ରଡ଼ ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ, ଲିଜ୍ ଲାଇନ୍ ସେବା ବ୍ୟବହାର ହେବ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ସମବାୟ ବିଭାଗ ଏନେଇ ନିର୍ଦ୍ଦେଶାବଳୀ ଜାରି କରିଛି। ରାଜ୍ୟର ସମସ୍ତ ଡିଆରସିଏସ୍, ଏଆରସିଏସ୍‌ଙ୍କୁ ସମବାୟ ନିର୍ଦ୍ଦେଶକଙ୍କ ଚିଠି ଜାରି ହୋଇଛି। ଯେଉଁଠାରେ ଏପରି ସେବା ଉପଲବ୍ଧ ଏବଂ ବୈଷୟିକ ଭାବରେ ସମ୍ଭବ, ସେଠାରେ ଇଣ୍ଟରନେଟ୍, ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍ ଏବଂ ଲିଜ୍ ଲାଇନ ସଂଯୋଗ ପାଇଁ ବିଏସ୍‌ଏନ୍‌ଏଲ୍ ସେବାର ବ୍ୟବହାର ସୁନିଶ୍ଚିତ କରିବେ। ତୁରନ୍ତ ସମୀକ୍ଷା ସହ ଚାଲୁଥିବା ସେବାରେ ବାଧା ସୃଷ୍ଟି ନକରି ବିଏସ୍‌ଏନ୍‌ଏଲ୍ ସେବା ହସ୍ତାନ୍ତର କରିବେ। ଆସନ୍ତା ୩୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। ବିଏସ୍‌ଏନ୍‌ଏଲର ବ୍ୟବହାର ନେଇ ଡିଆରସିଏସ୍ ଏବଂ ଏଆରସିଏସ୍ ସେମାନଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରିବେ।

## ମଧ୍ୟପ୍ରଦେଶର ଇନ୍ଦୋର ଏୟାରପୋର୍ଟରେ ଏୟାର ଇଣ୍ଡିଆ ବିମାନର ଜରୁରୀକାଳୀନ ଲ୍ୟାଣ୍ଡିଂ

ଇନ୍ଦୋର/ଭୋପାଳ,୫।୯(ନି.ପ୍ର.): ମଧ୍ୟ ପ୍ରଦେଶର ଇନ୍ଦୋର ସ୍ଥିତ ଦେବୀ ଅହିଲ୍ୟା ବାଇ ହୋଲ୍କର୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶୁକ୍ରବାର ଦିନ ଏୟାର୍ ଇଣ୍ଡିଆର ଦିଲ୍ଲୀ-ଇନ୍ଦୋର ଫ୍ଲାଇଟର ଜରୁରୀକାଳୀନ ଲ୍ୟାଣ୍ଡିଂ କରାଯାଇଛି। ଏହି ଜରୁରୀ ଲ୍ୟାଣ୍ଡିଂ ବିମାନର ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ କରାଯାଇଛି। ବିମାନରେ ମୋଟ ୧୬୧ ଯାତ୍ରୀ ଥିଲେ । ସେମାନଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି । ବର୍ତ୍ତମାନ ବିମାନଟି ବିମାନବନ୍ଦରରେ ଅଛି ଏବଂ ଯାନ୍ତ୍ରିକ ଟିମ୍ ମରାମତି କାର୍ଯ୍ୟରେ ଲାଗିଛନ୍ତି।

ବିମାନବନ୍ଦର କାର୍ଯ୍ୟାଳୟ ଅନୁଯାୟୀ, ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍‌ର ଏହି ଫ୍ଲାଇଟ୍ ସକାଳ ୬:୪୦ରେ ଦିଲ୍ଲୀରୁ ଉଡ଼ାଣ ଭରିଥାଏ ଏବଂ ସାଧାରଣତଃ ସକାଳ ୮:୧୫ରେ ଇନ୍ଦୋର ପହଞ୍ଚିଥାଏ। କିନ୍ତୁ ଶୁକ୍ରବାର ଦିନ ଏହି ଫ୍ଲାଇଟ୍ ଏହାର ନିର୍ଦ୍ଧାରିତ ସମୟଠାରୁ ଅଳ୍ପ ବିଳମ୍ବରେ, ୮:୨୮ରେ ଦିଲ୍ଲୀରୁ ବାହାରିଥିଲା। ବିମାନରେ ୧୬୧ ଯାତ୍ରୀ ଥିଲେ। ବିମାନଟି ଯେତେବେଳେ ଇନ୍ଦୋର ବିମାନବନ୍ଦରର ଦିଗକୁ ଆସୁଥିଲା, ସେତେବେଳେ ବାମ ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏହି ଅବସ୍ଥା ବିଷୟରେ ପାଇଲଟ୍ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ସୂଚନା ଦେଇଥିଲେ। ଏଥିପରେ ଏଟିସି ବିମାନବନ୍ଦରରେ ଜରୁରୀକାଳୀନ ଲ୍ୟାଣ୍ଡିଂର ଘୋଷଣା କରି ଆଲର୍ଟ ଜାରି କରିଥିଲା। ସତର୍କତା ରୂପେ ରନୱେ ଚାରିପାଖରେ ଅଗ୍ନିଶମ ବାହିନୀ, ରେସ୍କ୍ୟୁ ଟିମ୍, ଆମ୍ବୁଲାନ୍ସ ସହିତ ଆବଶ୍ୟକୀୟ ସମସ୍ତ ଟିମ୍‌ମାନେ ମୁତୟନ ହୋଇଥିଲେ। ପାଇଲଟ୍ ପରିସ୍ଥିତିକୁ ଦକ୍ଷତାର ସହିତ ନେଇ ସକାଳ ୯:୫୧ ରେ ବିମାନଟିକୁ ଇନ୍ଦୋର ଦେବୀ ଅହିଲ୍ୟା ବାଇ ହୋଲ୍କର୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଥିଲେ ।

## ଜଳକା ନଦୀରେ ବନ୍ୟା ସ୍ଥିତି

**ଭୁବନେଶ୍ୱର,**୫।୯(ନି.ପ୍ର.)**:** ଜଳକା ନଦୀରେ ବନ୍ୟା ସ୍ଥିତି। ବାଲେଶ୍ୱର ବସ୍ତା ଅଂଚଳ ପ୍ରଭାବିତ ହେବ। ଏନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ଏନେଇ ଜିଲ୍ଲା ପ୍ରଶାସନକୁ ସଜାଗ କରାଯାଇଛି। ବୈତରଣୀ ନଦୀ ଜଳ ସ୍ତର ବିପଦ ସଙ୍କେତ ତଳକୁ ଚାଲି ଆସିଛି। ଗତକାଲି ୧୫ ବ୍ଲକରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି। ପଦ୍ମପୁରରେ ସର୍ବାଧିକ ୮୮ ମିମି ବର୍ଷା ହୋଇଛି। ମହାନଦୀରେ ଏବେ ବନ୍ୟା ସ୍ଥିତି ନାହିଁ। ମହାନଦୀ ଉପର ମୁଣ୍ଡରେ ୧୯ ମିମି ବର୍ଷା ହୋଇଛି। ହୀରାକୁଦରେ ଇନ ଫ୍ଲୋ ବଢିଛି। ଜଳଭଣ୍ଡାର ୩ ଲକ୍ଷ ୩୬ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବା ସମାନ ପରିମାଣ ଜଳ ନିଷ୍କାସିତ ହେଉଛି। ୭ ତାରିଖରେ ସାଢ଼େ ୪ ଲକ୍ଷ ରୁ ୫ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ । ୨୦ ଟି ଗେଟ ଦେଇ ଏବେ ଜଳ ନିଷ୍କାସିତ ହେଉଛି। ହୀରାକୁଦରେ ଏବେ ୬୨୬.୫୮ ଫୁଟ ଜଳ ସ୍ତର ଅଛି।

ଲଗାଣ ବର୍ଷା ପରେ ବେହାଲ ବାଲେଶ୍ୱର ଜିଲ୍ଲା। ଗାଁ ଗଣ୍ଡାରେ ଲୋକଙ୍କ ଘରେ ପାଣି ପଶିବା ସହିତ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜିଛି। ସୁବର୍ଣ୍ଣରେଖାରେ ସପ୍ତମ ଥର ପାଇଁ ବନ୍ୟା ଆସିଥିବା ବେଳେ ଏହାଦ୍ୱାରା ଜନଜୀବନ ପ୍ରଭାବିତ ହୋଇଛି। ସେହିପରି ବୁଢ଼ାବଳଙ୍ଗ ଓ ଜଳକା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ଉବୁଟୁବୁ ହେଉଛି ସୋର, ବସ୍ତା, ନୀଳଗିରି ସମେତ ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳ। ବର୍ଷା ପାଣି ଜମି ରହିଥିବା ବେଳେ ଗାଁ ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ପାଣି ଲହରୀ ଖେଳୁଛି। କେଉଁଠି ଡ୍ରେନେଜ୍ ତ ଆଉ କେଉଁଠି ଅବରୋଧ ଯୋଗୁଁ ବାରମ୍ବାର ଏଭଳି ସ୍ଥିତି ଉପୁଜୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଲୋକଙ୍କ ଅଭିଯୋଗ। ଲଘୁଚାପ ଜନିତ ବର୍ଷା ରେ ବୈତରଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଦ୍ୱାରା ଧାମନଗର ବ୍ଲକ ରେ ବୈତରଣୀ ସମେତ କୋଚିଲା, ଗେଙ୍ଗୁଟି ,ରେବ ,କପାଳୀ ଆଦି ନଦୀର ବନ୍ୟା ଓ ବର୍ଷା ପାଣି ଭରି ରହିଛି ଚାଷ ଜମିରେ ପାଣି କମିବାରେ ନା ବି ଧରୁନି।ଧାମନଗର ବ୍ଲକ ରେ ହସନାବାଦ ପଂଚାୟତ ର ତଳ ଅଂଚଳ ରେ କୋଚିଲା ଓ ବୈତରଣୀ ନଦୀର ଆଡି ବନ୍ଧ ନ ଥିବାରୁ ପଛ ବାଟଦେଇ ବନ୍ୟାଜଳ ଆସି ପୁଣି ହସନାବାଦ,ଅର୍ଜୁନପୁର ଓ ପଧାନୀ ପଂଚାୟତ ଅଧିକାଂଶ ଗାଁ ଭିତରେ ପୁଣି ବନ୍ୟା ପାଣି ପଶିଛି । ସ୍ଥାନୀୟ ଅଂଚଳ ର ଲୋକ ମାନେ ଅକଥନୀୟ ହଇରାଣ ହେଉଛନ୍ତି।

## ଡିଏନ୍ଏ ପରୀକ୍ଷା ପାଇଁ ବାଧ୍ୟ କରାଯାଇପାରିବନି

**କଟକ,୫।୯ (ନି.ପ୍ର):** ଡିଏନ୍ଏ ପରୀକ୍ଷା ପାଇଁ ଜଣେ ବ୍ୟକ୍ତିଙ୍କୁ ବାଧ୍ୟ କରିବା ତାଙ୍କ ବ୍ୟକ୍ତିଗତ ଗୋପନୀୟତା ଅଧିକାରକୁ ପ୍ରଭାବିତ କରିଥାଏଙ୍ଗ ପାରିବାରିକ ସମ୍ପତ୍ତି ବିଭାଜନ/ବଣ୍ଟନ ସମ୍ପର୍କିତ ମାମଲାରେ ବିରୋଧୀ ପକ୍ଷଙ୍କ ପିତୃତ୍ୱ ନିର୍ଦ୍ଧାରଣ ପାଇଁ ଡିଏନ୍ଏ ପରୀକ୍ଷା ପାଇଁ କୁହାଯିବା ଅନୁଚିତ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି।



ଏଥି ସହିତ ପାରିବାରିକ ସମ୍ପତ୍ତି ବିବାଦକୁ ନେଇ ବିଚାରାଧୀନ ମାମଲାରେ ଜଣେ ପ୍ରତିପକ୍ଷଙ୍କ ପିତୃତ୍ୱ ନିରୂପଣ କରିବା ପାଇଁ ଡିଏନ୍ଏ ପରୀକ୍ଷା ପ୍ରସଙ୍ଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଡିଏନ୍ଏ ଟେଷ୍ଟ ପାଇଁ ନିର୍ଦ୍ଦେଶ ଦେବା ଲାଗି ଏହା ଏକ ଉପଯୁକ୍ତ ମାମଲା ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ଡିଏନ୍ଏ ଟେଷ୍ଟ ସଂପର୍କିତ ଆବେଦନକୁ ଖାରଜ କରି କୁଚିଣ୍ଡା ସିଭିଲ ଜଜ୍ (ବରିଷ୍ଠ ଡିଭିଜନ) ଅଦାଲତ ପ୍ରଦାନ କରିଥିବା ନିର୍ଦ୍ଦେଶ ହାଇକୋର୍ଟରେ କାଏମ୍ ରହିଛି। ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୋଲାପ ମାଝୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୮ରେ ଜଣେ ବ୍ୟକ୍ତି ପାରିବାରିକ ସମ୍ପତ୍ତି ବିଭାଜନ/ବଣ୍ଟନ ପ୍ରସଙ୍ଗ ନେଇ କୁଚିଣ୍ଡାସ୍ଥିତ ସିଭିଲ ଜଜ୍ (ବରିଷ୍ଠ ଡିଭିଜନ) ଅଦାଲତରେ ଏହି ମାମଲା ଦାୟର ହୋଇଥିଲା। ମାମଲା ଖାରଜ ହେବା ପରେ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାୟର ହୋଇଥିଲା।

## ମନ୍ଦିରରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ସୋର,୫।୯(ନି.ପ୍ର.):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର କୋଠରୀରୁ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ମୃତ ଯୁବତୀ ହେଲେ ସୁଶ୍ରୀ ସଙ୍ଗୀତା (୨୬)। ମୃତ ଯୁବତୀ ହେଉଛନ୍ତି ଗୋବିନ୍ଦ ଚନ୍ଦ୍ର ମଲିକଙ୍କ ସାନ ଝିଅ। ଆଜି ସକାଳୁ ଘରେ ମା'ଙ୍କ ଠାରୁ ୫ ଶହ ଟଙ୍କା ନେଇ ବାରିକପୁର ହାଟକୁ ଯିବେ ବୋଲି କହି ନିଜ ସ୍କୁଟି ଯୋଗେ ଘରୁ ବାହାରି ଆସିଥିଲେ ସଙ୍ଗୀତା। କିନ୍ତୁ ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ବାରମ୍ବାର ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ଉତ୍ତର ନମିଳିବାରୁ ବାରିକପୁର ହାଟକୁ ପରିବାର ଲୋକେ ଖୋଜିବାକୁ ଆସିଥିଲେ। ଲକ୍ଷ୍ମୀ ନାରାୟଣ ମନ୍ଦିର ସମ୍ମୁଖରେ ସ୍କୁଟି ଛିଡ଼ା ହୋଇଥିବାର ଦେଖିବାକୁ ପାଇଥିଲେ। ମନ୍ଦିର ଉପର ମହଲାକୁ ଆସି ବନ୍ଦ କୋଠରୀ ଭିତରେ ବେକରେ ଗାମୁଛା ଲଗାଇ ପଙ୍ଖାରେ ଝୁଲନ୍ତା ଅବସ୍ଥାରେରେ ଦେଖିବାକୁ ମିଳିଥିଲା। ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ହୀରାକୁଦର ୨୪ ଗେଟ ଖୋଲା

**ଭୁବନେଶ୍ୱର,୫।୯ (ନି.ପ୍ର:** ସମ୍ବଲପୁର ଶୁକ୍ରବାର ଦିନ ୧୨ଟା ସୁଦ୍ଧା ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଚାଲିଥିବା ବେଳେ ପରେ ସ୍ଥିତିକୁ ଦେଖି ଅପରାହ୍ନରେ ଆଉ ୪ଟି ସ୍ଲୁଇସ୍ ଗେଟ୍ ଖୋଲା ଯାଇଛି। ଫଳରେ ଅପରାହ୍ନ ୩ଟା ସୁଦ୍ଧା ମୋଟ୍ ୨୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ୧୬ଟି ଓ ଡାହାଣ ପାର୍ଶ୍ୱ ଡାଇକ୍ ର ୮ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଅପରାହ୍ନ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୬.୬୨ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୨୩ ହଜାର ୯୩୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ କରୁଥିବା ବେଳେ ୨୪ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୪ ଲକ୍ଷ ୨୩ ହଜାର ୯୩୬ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଅନ୍ୟପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୧୧.୧୮ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୦୬.୮୦ ମି.ମି. ବର୍ଷା ରେକର୍ଡ଼ ହୋଇଛି ।



# ଜିଲ୍ଲା ସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ



କେନ୍ଦ୍ରାପଡ଼ା,୫।୯:(ମନ୍ଥନ)କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଣେ ଜଣେ ଆଦର୍ଶ ଶିକ୍ଷକ ହେବାକୁ ଆହ୍ୱାନ ଦେଇଥିଲେ। ଆଜି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଉଥିବା ପ୍ରତ୍ୟେକ ଶିକ୍ଷକ ଅନ୍ତତ ୫ଜଣ ଶିକ୍ଷକଙ୍କୁ ଆଗାମୀ ବର୍ଷ ଏହି ପୁରସ୍କାର ପାଇବା ପାଇଁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା। ସେଠାରେ ଆଦର୍ଶ ଛାତ୍ର ସୃଷ୍ଟି କରିବାକୁ ଜିଲ୍ଲାପାଳ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ଯୋଗଦେଇ କହିଲେ ଯେ ଶିକ୍ଷକଟିଏ ସେତେବେଳେ ଆନନ୍ଦିତ ହୁଏ ଯେତେବେଳେ ତା'ର ଛାତ୍ରଟି ତାକୁ ଟପି ଅଧିକ ସଫଳତା ହାସଲ କରିଥାଏ। ସମ୍ମାନିତ ଅତିଥି ଭାବେ ବାଲିଆ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ସୁଲୋଚନା ଦେହୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ ଓ ଦିପ୍ତିମୟୀ ନାୟକ, ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣୀ ଦାଶ, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ,ରାଜନଗର ମଣ୍ଡଳ ଶିକ୍ଷାଅଧିକାରୀ ମନୋରଞ୍ଜନ ସେଠୀ, କେନ୍ଦ୍ରାପଡା ସହମଣ୍ଡଳ ଶିକ୍ଷା ଅଧିକାରୀ ବଳଦେବ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ଗୁରୁଦିବସ ପାଳନର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲ୍ଲାର ୮ଜଣ ପ୍ରାଥମିକ ଶିକ୍ଷକ,ଶିକ୍ଷୟିତ୍ରୀ, ୨୮ଜଣ ମାଧ୍ୟମିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଜଣେ ସି.ଆର.ସି.ସି.ଙ୍କୁ ଏହି ସମାରୋହରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସ୍ୱରୂପ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଜିଲ୍ଲାପାଳ ପ୍ରଦାନ କରୁଥିଲେ। ମାଧ୍ୟମିକ ଶିକ୍ଷକଙ୍କ ମଧ୍ୟରୁ ଓଡିଆ ବିଷୟରେ ୪ଜଣ, ଇଂରାଜୀରେ ୪ଜଣ, ସଂସ୍କୃତ ଓ ହିନ୍ଦୀରେ ୪ଜଣ, ଗଣିତରେ ୪ଜଣ, ସାଧାରଣ ବିଜ୍ଞାନରେ ୮ଜଣ ଓ ଶାରିରୀକ ଶିକ୍ଷା ବିଭାଗରେ ୪ଜଣ ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକ ଶିକ୍ଷା ପୁରସ୍କାର ପାଇଁ ଗରଦପୁର ବ୍ଲକରୁ କୌଣସି ଶିକ୍ଷକ ଆବେଦନ କରିନଥିବା ସୂଚନା ଦିଆଯାଇଥିଲା। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ କୁମାର ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।ଶିକ୍ଷକ ଶୁଭାଂଶୁ କୁମାର ଦାସ ଓ ରଘୁନାଥ ଦାସ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବ ପରିଚାଳନାରେ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ, ଭାଗିରଥି ମହାନ୍ତି, କାନନବାଳା ନାୟକ, ମନୋରଞ୍ଜନ ମହାନ୍ତିଙ୍କ ସମେତ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ବଡଚଣା ବ୍ଲକ୍ ଅଧିନ ବିଭିନ୍ନ ପଞ୍ଚାୟତ ର ଗ୍ରାମ୍ୟ ପୋଖରୀ ଗୁଡ଼ିକର ନିଲାମ ଠପ୍



ବଡ଼ଚଣା,୫।୯:(ମନ୍ଥନ) ନିଲାମ ହୋଇ ପାରୁନାହିଁ ବଡଚଣା ବ୍ଲକ୍ ଅଧିନ ବିଭିନ୍ନ ପଞ୍ଚାୟତ ରେ ଥିବା ଗ୍ରାମ୍ୟ ପୋଖରୀ ଓ ଜଳାଶୟ। ପ୍ରାୟ ପୋଖରୀ ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ଥିବା ବେଳେ, ଅପରିଷ୍କାର ଓ ପ୍ରଦୂଷଣ ବଢ଼ାଉଛି । ପୂର୍ବରୁ ବିଜେଡି ସରକାର ଅମଳରେ ରେ ରାଜ୍ୟ ର ମହିଳା ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଗ୍ରାମାଞ୍ଚଳ ର ମହିଳା ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ୩ ବର୍ଷିଆ। ନିଲାମ ଦିଅ। ଯାଉ ଥିଲା , ସେଥିରେ ସ୍ୱୟ ସହାୟିକା ସଂଘର ମହିଳା ମାନେ ଉପକୃତ ହେଉଥିଲେ,କିନ୍ତୁ ଏବେ ରାଜ୍ୟରେ ସରକାର୍ ର ପଟ୍ଟ ପରିବର୍ତ୍ତନ ପରେ ସେହି ନିଲାମ ପକ୍ରିଆ। ସମ୍ପୂର୍ଣ୍ଣ ଠପ୍ କରି ଦିଅ। ଯାଇଛି, ଫଳରେ ପୋଖରୀ ଗୁଡିକରେ ଦଳ ଭର୍ତ୍ତି ହୋଇ ପରିତ୍ୟକ୍ତ ଓ ଦୂଷିତ ଅବସ୍ଥାରେ ପଡ଼ି ରହିଛି । ପୋଖରୀ ଗୁଡ଼ିକ ରେ ଲକ୍ଷ ଲକ୍ଷ ଟଙ୍କାର ମାଛ ଚାଷ ହୋଇ ଥିବା ବେଳେ କେତେକ ପୋଖରୀରେ ଅପରିଷ୍କାର ଓ ରକ୍ଷଣା ବେକ୍ଷଣ କରାଯାଉ ନ ଥିବା ରୁ ମାଛ ମରି ଯାଉ ଥିବା ଦେଖିବାକୁ ମିଳିଛି । ଏ ଭଳି ଅଭିଯୋଗ ହେଉଛି ବଡଚଣା ବ୍ଲକ୍ ଅଧିନ ଖଇରା ପଞ୍ଚାୟତରେ , ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ଗୁଡ଼ିକ ମାଧ୍ୟମରେ ଖଇରା ପଞ୍ଚାୟତ ର ମୋଟ ୧୨ ପୋଖରୀ କୁ ମହିଳା ମାନଙ୍କୁ ଆ ର୍ଥିକ ସ୍ୱାବଲମ୍ବୀ ଲାଗି ପ୍ରଦାନ କରାଯାଇ ଥିଲା, ବର୍ତ୍ତମାନ ବ୍ଲକ୍ ପ୍ରଶାସନ ପକ୍ଷରୁ ସେହି ନିଲାମ ପ୍ରକ୍ରିୟା କରାଯାଉ ନ ଥିବାରୁ ପଞ୍ଚାୟତ ର ସ୍ୱୟଂ ସହାୟିକା ମହିଳା ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉ ଛନ୍ତି, ସର୍ବୋପରି ଗାଁ ଗହଳିରା ସାଧାରଣ ଲୋକେ ଅପରିଷ୍କାର ଦଳ ଓ ଦୂଷିତ ପାଣି ଲାଗି ବ୍ୟବହାର ଉପଯୋଗୀ କରି ପାରୁ ନାହାଁନ୍ତି । ପଞ୍ଚାୟତ ର ଜୟ ରାମ ପୋଖରୀ ଓ କୁସର୍କ ,ଚମ୍ପି ତରା,ଓ ଫୁଲ ଗାଡିଅ।,କନେକେଶ୍ୱର ପୋଖରୀ ସମ୍ପୂର୍ଣ୍ଣ ଦୂଷିତ ଦୃଶ୍ୟ, ହାଟୁଅ। ପୋଖରୀ ର ଅବସ୍ଥା ମଧ ଖାଲି ଟିଙ୍ଗୁଡ଼ିଅ। ଓ ନାଗ ଦଳ ରେ ଅପରିଷ୍କାର ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ସେହି ଆ।ୟ ଏବେ ପଞ୍ଚାୟତ ର ବିଭିନ୍ନ ଉନ୍ନତି ଓ ଜାନୀ ଯାତ୍ରାରେ ଆ।ଉ ଲାଗି ପାରୁ ନାହିଁ , ପଞ୍ଚାୟତର ରାଜସ୍ୱ ବଢୁ ନ ଥିବା ବେଳେ ଜିଲ୍ଲା ପ୍ରଶାସନ ଏହି ନିଲାମ ପ୍ରକ୍ରିୟା କରିବା ଲାଗି ସରସ୍ତୀ ସ୍ୱୟଂ ସହାୟିକା ଗୋଷ୍ଠୀ, ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ, ତଥା ଗ୍ରାମର ମୂରବୀ ପ୍ରସନ୍ନ କୁମାର ଦାସ, ସାରଦା ଭୋଇ ପ୍ରମୁଖ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

# ପିପିଲି ବ୍ଲକରୁ ୪ଜଣ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପିପିଲି,୫।୯:(ମନ୍ଥନ)ପିପିଲି ବ୍ଲକ ରୁ ୪ଜଣ ଶିକ୍ଷକଙ୍କୁ ଶିକ୍ଷା କ୍ଷେତ୍ରରେ ଅବଦାନ ଲାଗି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରଦାନ କରିଛନ୍ତି । ସେମାନେ ହେଲେ ହାଟସାହି ପଂଚାୟତ ହାଇସ୍କୁଲର କ୍ରୀଡା ଶିକ୍ଷୟତ୍ରୀ ସ୍ୱାଗତିକା ସାମନ୍ତରାୟ ନିଜର ନିଷ୍ଠା ଏବଂ ଦକ୍ଷତା ପାଇଁ ଦ୍ୱିତୀୟ ଥର ପୁରସ୍କାର ପାଇଥିବା ବେଳେ ଜବାହର ବିଦ୍ୟାପୀଠ ରୁ ଜଗନ୍ନାଥ ପ୍ରଧାନ, ପୁବାଶାସନ ଜି ପି ହାଇସ୍କୁଲ ରୁ ତପନ କୁମାର ଦାସ ଏବଂ ଦାଣ୍ଡମୁକୁନ୍ଦପୁର ପୀତବାସ ୟୁଜିୟୁପି ସ୍କୁଲ ରୁ ଶିକ୍ଷୟତ୍ରୀ ସଂଯୁକ୍ତା ମହାପାତ୍ରଙ୍କୁ ଏହି ସମ୍ମାନରେ ସମ୍ମାନୀତ ପ୍ରଦାନ କରାଯାଇଛି ।ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିବା ପରେ ଚାରିଆ।ଡୁ ସେମାନଙ୍କୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି ।

# ଅଗ୍ନି ବିପନ୍ନ ପରିବାରକୁ ସହାୟତାର ହାତ ବଢ଼ାଇଲା ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ

ମାଲକାନଗିରି,୫।୯:(ମନ୍ଥନ)ମଲାକନଗିରି ଜିଲ୍ଲା କରୁକୁଣ୍ଡା ବ୍ଲକ ଗରିବ ତଥା ଅଗ୍ନିକାଣ୍ଡ ରେ ସର୍ବସ୍ୱ ହରାଇଥିବା ପରିବାର କୁ ସହାୟତା ର ହାତ ବଢ଼ାଇଲା ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ସ୍ଥିତ ଦୋରାଗୁଡାରେ ଗତ ୧ ତାରିଖ ମଧ୍ୟାହ୍ନ ସମୟରେ ସୁବାଷ ଗୌଡ଼ଙ୍କ ଘର ସଟ ସର୍କିଟ ଯୋଗୁଁ ଆ।ସବାବପତ୍ର, ଲୁଗା।ପଟା।, ଚାଉଳ ଏବଂ ରାସନ ସାମଗ୍ରୀ ସମେତ ସମ୍ପୂର୍ଣ୍ଣ



ଘରୋଇ ଉପକରଣ ପୋଡି ନଷ୍ଟ ହୋଇଯାଇଥିଲା । ଘରେ ବୃଦ୍ଧ ବୃଦ୍ଧା ଦୁହେଁ ରହୁଥିବା ବେଳେ ସୌଭାଗ୍ୟବଶତଃ ଉଭୟ ଙ୍କ ଜୀବନ ବଞ୍ଚିଯାଇଥିଲା । ତେବେ ସେମାନଙ୍କର ଏହି ଅସୁବିଧା ସମୟରେ ବିପଦର ବନ୍ଧୁ ଭଳି ସାହାର୍ଯ୍ୟ ର ହାତ ବଢାଇଛି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ । ଏହି ଖବର କୋରୁକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ପ୍ରଦୀପ କୁମାର ମହାରଣା ପାଇବା ପରେ ତୁରନ୍ତ ଉଭୟ ବୃଦ୍ଧ ବୃଦ୍ଧା ଙ୍କ ନିକଟରେ ପହଁଚି ସାହାର୍ଯ୍ୟର ହାତ ବଢ଼ାଇଥିଲେ । ଏଥିସହ ସେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ଅଶୋକ ମିଶ୍ର ଙ୍କୁ ଜଣାଇବା ପରେ ଆ।ଜି ଅସହାୟ ପରିବାରଙ୍କୁ ଭେଟି ସହାୟତା ପ୍ରଦାନ କରିଛି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ । ତେବେ ଆ।ଜି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି, ନିରଞ୍ଜନ ମଲ, ସହ ସମ୍ପାଦକ ଶିବଦତ୍ତ ସାହୁ, ବ୍ଲକ ସମ୍ପାଦକ ଏ ଦେବାଶିଷ ପାତ୍ର, କୋଷାଧକ୍ଷ ଅବିନାସ ବେହେରା, ସୁଧାଂଶୁ ଶେଖର ମହାନ୍ତି, ଦିପଙ୍କର କୀର୍ତ୍ତନିଅ।, ସୁରେନ୍ଦ୍ର ହାଲବା ଅସହାୟ ପରିବାର କୁ ଭେଟି ଆ।ବଶ୍ୟକୀୟ ସାମଗ୍ରୀ ଭାବେ ଚାଉଳ ଏବଂ ରାସନ ସାମଗ୍ରୀ ସମେତ ବସ୍ତ୍ର ଆ।ଦି ପ୍ରଦାନ କରିଛନ୍ତ । ତେବେ ସଙ୍ଘ ର ଟିମ ଯାଇ ଅସହାୟ ପରିବାର କୁ ଭେଟି ଏହି ସାମଗ୍ରୀ ସବୁ ପ୍ରଦାନ କରିବା ପରେ ଉଭୟ ବୃଦ୍ଧ ଏବଂ ବୃଦ୍ଧା ଙ୍କ ମୁହଁ ରେ ହସର ଲହରୀ ଖେଳିଯାଇଥିଲା । ତେବେ ଉତ୍କଳ ସାମ୍ବାଦିକ ସଙ୍ଘର ଏପରି ପ୍ରୟାସ କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

# ବୁଗୁଡ଼ାରେ ଗୁରୁ ଦିବସ ପାଳିତ

ବୁଗୁଡ଼ା, ୫।୯:(ମନ୍ଥନ)ବୁଗୁଡା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବୁଗୁଡା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଦ୍ଧଖୋଲ ପାଦଦେଶସ୍ଥ କଲ୍ୟାଣୀ ମଣ୍ଡପ ପରିସରରେ ଶିକ୍ଷକ ପ୍ରତାପ କୁମାର ଖାଡ଼ଙ୍ଗାଙ୍କ ପୌରହିତ୍ୟରେ ଗୁରୁ ଦିବସ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଶ୍ୱ ମୋହନ ମିଶ୍ର , ସମ୍ମାନିତ ଅତିଥି ଭାବେ ପ୍ରଭାକର ପଣ୍ଡା, କେ.ନୀଳମାଧବ ଆ।ଚାରୀ, ମଦନ ଗୋପାଳ ଦୋରା, କେଦାର ନାଥ ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ର, ମଞ୍ଜୁଳା କୁମାରୀ ପଣ୍ଡା ଯୋଗ ଦେଇଥିଲେ । ଏ ଅବସରରେ ୧୬ ଜଣ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଶେଷରେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ପ୍ରଧାନାଚାର୍ଯ୍ୟ ଆ।ଟଲ୍ ଲିଙ୍ଗରାଜଙ୍କ ପୌରହିତ୍ୟରେ ଗୁରୁ ଦିବସ ପାଳନ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କର ଏବଂ ମନୋରଞ୍ଜନ ଦାଶ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆ।ଲୋକପାତ କରିଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ,ନିୟୁ ଏରା ପବ୍ଲିକ ସ୍କୁଲ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମେତ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନୁଶିକ୍ଷଣ କେନ୍ଦ୍ରରେ ମଧ ପବିତ୍ର ଗୁରୁ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି ।

# ନବରଙ୍ଗପୁର ଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ



ନବରଙ୍ଗପୁର,୫।୯:(ମନ୍ଥନ)ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମଓରୋହ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଛତ୍ରପତି ସାହୁ ଙ୍କ ଅଧ୍ୟକ୍ଷତା ରେ ଆ।ୟୋଜିତ କାର୍ଯ୍ୟକ୍ରମ ରେ ମାନ୍ୟବର ବିଧାୟକ,ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ। ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ପାଳକା ରବୀନ୍ଦ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ଡକ୍ଟର ମଳୟ ରଞ୍ଜନ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଡ ଓଁକାର ପଟ୍ଟନାୟକ, ପ୍ରିନ୍ସିପାଲ, ଜିଲ୍ଲା ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ, ପ୍ରକାଶ ମେହେର ଓ ଶ୍ରୀ ପ୍ରକାଶ ଚନ୍ଦ୍ର ମହାଳିକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଶ୍ରୀ ସୁଦୀପ୍ତ କୁମାର ଦାସ, ପ୍ରଧାନ ଶିକ୍ଷକ , ଚିତ୍ତରଞ୍ଜନ ପଟ୍ଟନାୟକ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅତିଥି ଭାବେ ଯୋଗଦେଇଥିଲେ । ପ୍ରକାଶ ଚନ୍ଦ୍ର ମହାଳିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଧାୟକ ଶ୍ରୀ ମାଝୀ ନବରଙ୍ଗପୁର ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ନିଅ। ଯାଇଥିବା ବିଭିନ୍ନ ପଦକ୍ଷେପ କୁ ପ୍ରଶଂସା କରିଥିଲେ । ଦେଶ ଗଠନ ରେ ଶିକ୍ଷକ ମାନଙ୍କ ଭୂମିକା ସମ୍ପର୍କ ରେ ଆ।ଲୋକପାତ କରିଥିଲେ । ନବରଙ୍ଗପୁର ଜିଲ୍ଲା ଡ୍ରପ ଆ।ଉଟ ପାଇଁ ଯେଉଁ ଦୁର୍ନାମ ଅଛି ତାହାକୁ ସମସ୍ତେ ମିଶି ଦୁର କରିବାକୁ ଆ।ହ୍ୱାନ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷାବିଭାଗ ଦ୍ୱାରା ପ୍ରସ୍ତୁତ ସ୍ପାର୍କ, ଶିକ୍ଷା ସେତୁ, ଲକ୍ଷ୍ୟ, ସୁପର ୧୦୦ , ଗୋଣ୍ଡି ଓ ଭତ୍ରା ଭାଷାରେ ପ୍ରସ୍ତୁତ ଭିଡିଓ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆ।ଜିର କାର୍ଯ୍ୟକ୍ରମ ରେ ୧୪ ଜଣ ମାଧ୍ୟମିକ ଶିକ୍ଷକ, ୧୦ ଜଣ ପ୍ରାଥମିକ ଶିକ୍ଷକ ଓ ୧ ଜଣ ସି ଆ।ର ସି ସି, ୩୮ ଜଣ ମାଧ୍ୟମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମାନଙ୍କୁ ଗତ ମାଟ୍ରିକ ପରୀକ୍ଷା ରେ ଶତ ପ୍ରତିଶତ ଫଳ ପାଇଁ ସମ୍ମାନୀତ କରାଯାଇଥିଲାୟ ଶ୍ରୀ ସୁଦୀପ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ନରେଶ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମାନ୍ୟବର ବିଧାୟକ ଏହାକୁ ଉଦଘାଟନ କରିଥିଲେ ଓ ରକ୍ତ ଦାତୟ ମାନଙ୍କୁ ଉତ୍ସାହିତ କରିଥଲେ । ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ରକ୍ତଦାନ ଶିବିର କୁ ପ୍ରଭାତ ପଟ୍ଟନାୟକ,ଜୁନିଅର ରେଡକ୍ରସ ଅଧିକାରୀ ପ୍ରକାଶିନୀ ଚୌଧୁରୀ ଶିବିରକୁ ପରିଚାଳନା କରିଥିଲେ । ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ମାନେ ଏହି ଶିବିରରେ ରକ୍ତଦାନ କରିଥିଲେ ।ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ଲେବରଟରି ଟେକନିସିୟନ ଅରୁଣ କୁମାର ସ୍ୱାଇଁ, ମାରଟିନ ଛତର, ହେମନ୍ତ ରାଉତ ଏବଂ ସମ୍ପିତ ମିଶ୍ର ଉପସ୍ଥିତ ରହି ରକ୍ତଦାତାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିଥିଲେ ।

# ଇଦ୍ ମିଲାଦ ଉନ ନବୀ ଅବସରରେ ଶୋଭାଯାତ୍ରା

ପିପିଲି,୫।୯:(ମନ୍ଥନ)ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଓ ପବିତ୍ର ଇଦ ମିଲାଦ ଉନ ନବୀ ଅବସରରେ ତେଇସିପୁର ପଂଚାୟତ ଅର୍ନ୍ତଗତ ନୂଆଗୋଡି ଗ୍ରାମର ମୁସଲମାନ ଭାଇମାନେ ଏକାଠୀ ହୋଇ ନୁତନ ପୋଷାକ ପରିଧାନ କରି ମହମ୍ମଦଙ୍କ ସ୍ତୁତୀ ଗାନକରି ଏକ ଶୋଭାଯାତ୍ରାରେ ଯାଇଥିଲେ । ଏହି ଶୋଭାଯାତ୍ରା ମସଜିଦ ଠାରୁ ବାହାରୀ ନୂଆଗୋଡି ଗ୍ରାମ ପରିକ୍ରମା କରିଥିଲା । ଏଥିରେ ୨୪ନମ୍ବର ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ସରପଂଚଙ୍କ ପ୍ରତିନିଧୀ କେସବ ସେନାପତି, ଫଗୁଭୁଷଣ ପରିଡା ,ଜିତେନ୍ଦ୍ର ବରାଳ, ଜୟ' କୁମାର ଦାଶ ପ୍ରମୁଖ ସାମିଲ ହୋଇ ହିନ୍ଦୁ ମୁସଲମାନ ଭାଇଚାରା ସମ୍ପର୍କ ସୃଷ୍ଟି କରିଥିଲେ। ନୂଆଗୋଡି ଗ୍ରାମର ମୁସଲମାନ ଭାଇ ମାନଙ୍କର ସର୍ଦ୍ଦାର ମିର ହନିଫ ,ସମ୍ପାଦକ ଟାଲିମ ଖାନ, କୋଷାଧକ୍ଷ ଜୁଲଫୁକାର ମହମ୍ମଦ ,ସାବଜାନ ମହମ୍ମଦ,ରୁସ୍ତୁମ ମହମ୍ମଦ ,ମିର ଆଜାଦ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ପିପିଲି ଏନଏସି ର ଶିରିଆପୁର ,ଦାନଗହିର,ବଡମସଜିଦ ନରସିଂହପୁର ଠାରେ ମହମ୍ମଦଙ୍କ ଜୟନ୍ତୀ ପାଳନ ଅବସରରେ ମୁସଲମାନ ଭାଇ ମାନେ ଏକାଠୀ ଏକ ଶୋଭାଯାତ୍ରା ଯାଇ ଗ୍ରାମ ପରିକ୍ରମା କରିବା ସହ ମହମ୍ମଦଙ୍କ ସ୍ତୁତୀ ଗାନ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଦୁଇ ଭାଇ ମୃତ

ପିପିଲି,୫।୯:(ମନ୍ଥନ)ଗୁରୁବାର ରାତି ତିନିଟାରେ ଏକ ବାଇକ ଦୁର୍ଘଟଣାରେ ଦୁଇଭାଇ ଙ୍କର ମୃତ୍ୟୁ ହୋଇଥିବା ଖବର ଜଣାପଡିଛି । ମୃତକ ହେଲେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ନୀଳମାଧବ ବସ୍ତିର ମନୋଜ ପୂର୍ତ୍ତି (୨୦)ଏବଂ ଆ।ନନ୍ଦ ପୂର୍ତ୍ତି (୧୮) । ଦୁଇ ଭାଇ ଏକ ବାଇକ ଯୋଗେ ରାତି ତିନିଟାରେ ପୁରୀ ଅଭିମୁଖେ ଯାଉଥିବା ବେଳେ ମଙ୍ଗଳପୁର ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣା ରେ ଗୁରୁତର ହୋଇ ରାଜପଥ ଉପରେ ପଡ଼ିଥିଲେ । ତେବେ ଏକ କାର ଚାଳକ ଦେଖି ପିପିଲି ପୋଲିସ କୁ ଜଣାଇବାରେ ପିପିଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କୁ ୧୦୮ଆ।ମ୍ବୁଲାନ୍ସ ଯୋଗେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ମନୋଜକୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଗୁରୁତର ଥିବା ସାନପୁଅ ଆ।ନନ୍ଦକୁ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲ କୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ କଟକ ବଡ଼ଡାକ୍ତରଖାନାକୁ ନିଆ।ଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏନେଇ ମୃତକଙ୍କ ବଡବାପା ପୁଅ ଭାଇ ଚନ୍ଦନ ପୂର୍ତ୍ତି ଙ୍କ ଲିଖିତ ଅଭିଯୋଗରେ ଏକ ମାମଲା ପିପିଲି ଥାନାରେ ୫୩୬୨୫ ରୁଜୁ କରାଯାଇଛି । ପିପିଲି ପୋଲିସ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମନୋଜଙ୍କ ମରଶରୀର କୁ ଜବତ କରି କରିବା ସହ ଶବ ବ୍ୟବଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ସ୍ୱାର୍ଗାଦପି ଗରୀୟସୀ ସ୍ମୃତିପତ୍ର ଉନ୍ମୋଚିତ

ଭଦ୍ରକ,୫।୯:(ମନ୍ଥନ)ଶାନ୍ତି ନିବାସ ପରିସରରେ ବନମାଳୀ ସତ୍ୟଭାମା ସ୍ମୃତି ସଂସଦର ସଭାପତି ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ସ୍ୱର୍ଗତ ସତ୍ୟଭାମା ମିଶ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଅଛି । ଆନୁଷ୍ଠାନକଭାବେ ସମାଜସେବୀ ତଥା ତ୍ୟାଗଭୂମିର ପ୍ରତିଷ୍ଠାତା ସଭାପତି ଅଜୟ ନାୟକ 'ସ୍ୱର୍ଗାଦପି ଗରୀୟସୀ' ପତ୍ରିକା ଉନ୍ମୋଚିତ କରିଥିବା ବେଳେ ଅନ୍ୟତମ ଅତିଥି ପ୍ର. ଅଟଳ ବିହାରୀ ନାୟକ, ପ୍ର.ଗୋଲକ ବିହାରୀ ନାୟକ, ଡ଼ା. ଅନିଲ ଦାସ, ଅଧକ୍ଷ ନିହାର ରଂଜନ କର, ସୁବର୍ଣ୍ଣଶ୍ରୀ ପତ୍ରିକାର ସଂପାଦକ କାଳୀପଦ ପଣ୍ଡା, ଲଲାଟେନ୍ଦୁ ମହାନ୍ତି, ପଣ୍ଡିତ ଦୈତାରୀ ମହାପାତ୍ର, ପଣ୍ଡିତ ଦୟାନିଧି ଦାଶ, ଡ଼ଃ ପ୍ରମୋଦ



କୁମାର ନାୟକ, ଡ଼ଃ କୃପାସିନ୍ଧୁ ନାୟକ, ଡ଼ଃ ଗୋପାଳ କୁମାର, ଡ଼ା ପ୍ରଭାକର ଦାଶ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, କୈଳାସ ଦାସ, କିରଣ ଗୁଈଁ, ସୁଧାକର ରାଉତ, ରତିକାନ୍ତ ବେହେରା, ସତ୍ୟଭୂଷଣ ସ୍ୱାମୀ, ପ୍ର. ଗଗନ ଦେ, ଡ଼ଃ ନିତ୍ୟାନନ୍ଦ ମିଶ୍ର, ଅଧାପକ ଶୁକଦେବ ପଣ୍ଡା, ଅକ୍ଷୟ କୁମାର ପାଣିଗ୍ରାହୀ, ଶ୍ରୀମାନ୍ ଅକ୍ଷୟ, ଅଚ୍ୟୁତ ପଣ୍ଡା, ମୀନକେତନ ମିଶ୍ର, ପ୍ରଦ୍ୟୋତନ ସୁଆର, କିଶୋର କୁମାର ମହାନ୍ତି, ସଂଗ୍ରାମ କେଶରୀ ଦାସ, ଶୈଳେନ୍ଦ୍ର ପାଢ଼ୀ, ଦୀନବନ୍ଧୁ ଦାସ, ବ୍ରହ୍ମାନନ୍ଦ ମିଶ୍ର, ମନୋରମା ଆଚାର୍ଯ୍ୟ, ସରସ୍ୱତୀ ତ୍ରିପାଠୀ ପ୍ରମୁଖ ସତ୍ୟଭାମା ମିଶ୍ରଙ୍କ ଏକାଦଶାହରେ ସେ ଜଣେ ସମାଜସେବୀ, ଧାର୍ମିକ ପରୋପକରୀ, ମିଷ୍ଟଭାଷୀ ଓ ଦରଦୀ ମହିୟସୀ ମହିଳା ଥିଲେ ବୋଲି ମତବ୍ୟକ୍ତ କରିଥିଲେ ।

# ହସତେରୁଆ ଫେସବୁକ ତରଫରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡା,୫।୯:(ମନ୍ଥନ)/ରାୟଗଡା ସହର ରାମକୃଷ୍ଣନଗର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ 'ହସତେରୁଅ।' ଫେସବୁକ ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆ।ୟୋଜିତ ହୋଇଥିଲା । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଏହି ସମାରୋହରେ ପୁରସ୍କୃତ କରାଗଲା ।ହସତେରୁଅ। ଫେସବୁକ ରାୟଗଡା ଜିଲ୍ଲା ଏଡମିନ ବିଷ୍ଣୁ ପ୍ରସାଦ ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ଆ।ୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା ଶ୍ରୀମତୀ ଶୁଭ୍ରା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସେ ହସତେରୁଅ। ଦ୍ୱାରା ହୋଇଥିବା ସାମାଜିକ ଓ ସଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ପ୍ରାୟ ୧୦୦ ରୁ ଅଧିକ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା, ଏହି କାର୍ଯ୍ୟକ୍ରମରେ ହସତେରୁଅ। ପେଜର ମୁଖ୍ୟ ଏଡମିନ ରାମନାଥ ତ୍ରିପାଠୀ ଯୋଗଦେଇ, ହସତେରୁଅ। ଗ୍ରୁପ ସମାଜସେବା ସହିତ ଓଡିଶାର ସଂସ୍କୃତି ଓ ପାରମ୍ପରିକତାକୁ ବଜାୟ ରଖିବା ପାଇଁ ସଦା ଆ।ଗୁଅ। କାର୍ଯ୍ୟ କରୁଥିବା କହିଥିଲେ ।ସେହିପରି, ଏହି ଗ୍ରୁପ ପକ୍ଷରୁ ବିଭିନ୍ନ ସମୟରେ ବୃକ୍ଷରୋପଣ, ରକ୍ତଦାନ ଶିବିର, ଓ ଅସହାୟଙ୍କୁ ସହାୟତା ଭଳି ସାମାଜିକ କାର୍ଯ୍ୟକ୍ରମ ହେଉଥିବା ପ୍ରକାଶ କରିବା ସହ ହସତେରୁଅ। ଗ୍ରୁପ ରେ ପ୍ରାୟ ଏକ ଲକ୍ଷ ସତର ହଜାର ସଦସ୍ୟ ଜଡିତ ଥିବା କହିଥିଲେ ।

ସୂତ୍ରଧର

ଶନିବାର ୬ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

SATURDAY 6SEPTEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ
ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି,
ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ
ସକଳ କ୍ରିୟା କରୁଥାନ୍ତି । ।।

# ଓଡ଼ିଶାର ଜଗନ୍ନାଥ କୈନ୍ଦ୍ରିକ ଭାଗବତ ଧର୍ମ

**ସୌର ଚନ୍ଦ୍ର ମହାପାତ୍ର**

ଭାଗବତ ହେଉଛି ଓଡ଼ିଆ ଜାତି ପକ୍ଷରେ ବେଦ ପରି ପବିତ୍ର ଗ୍ରନ୍ଥ। ଏହା ଓଡ଼ିଶାରେ ସାଂସ୍କୃତିକ ବିପ୍ଳବ ସୃଷ୍ଟି କରି ପାରିଛି। ଓଡ଼ିଆ ଜାତି ପ୍ରାଣରେ ସ୍ପନ୍ଦନ ଜଗାଇ ପାରିଛି। ଓଡ଼ିଶା ବାହାରେ ଥିବା ଓଡ଼ିଆ ପ୍ରାଣରେ ଓଡ଼ିଆ ଭାଷା ପ୍ରତି ମୋହ ସୃଷ୍ଟି କରିପାରିଛି। ସେଥିପାଇଁ ଜନସମାଜରେ ଭାଗବତରେ ଜନପ୍ରିୟତା ସମ୍ବନ୍ଧରେ ବିଶିଷ୍ଟ ପ୍ରାବନ୍ଧିକ ଜଗବନ୍ଧୁ ସିଂହ ତାହାଙ୍କର ପ୍ରାଚୀନ ଉତ୍କଳ ପୁସ୍ତକରେ ଲେଖିଛନ୍ତି :- ଚାହାଳୀରେ ପିଲାମାନଙ୍କର ଭାଗବତ ପ୍ରାଧାନ୍ୟ ପାଠ୍ୟ ପୁସ୍ତକ ଥିଲା। ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି ପାରିଲା ତାହାର ବିଦ୍ୟା ଶେଷ ହେଉଥିଲା।

ଲୋକର ଆସନ୍ନ ମୃତ୍ୟୁବେଳେ ତାହାର ପୁତ୍ର-ପୌତ୍ରାଦି ଆତ୍ମୀୟ ସ୍ୱଜନ ତାହା କାନରେ ଅଧ୍ୟାୟେ ଭାଗବତ ଶୁଣାଉଥିଲେ। ଗ୍ରାମରେ ବିସୂଚିକା, ମହାମାରୀ, ପ୍ରଭୃତି ଉପଦ୍ରବ ହେଲେ ଭାଗବତ ପାଠ, ହରିହାଟ, ସପ୍ତାଙ୍ଗ ଭାଗବତ ପ୍ରଭୃତି ହେଉଥିଲା। ଭାଗବତ ପାଠ କଲେ ଗ୍ରାମରୁ କାଳଭୟ ଦୂର ହେଉଥିଲା ବୋଲି ଲୋକମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା। ଅନେକ ଲୋକଙ୍କର ସକାଳେ ସ୍ନାନ ପରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ନିତ୍ୟ ନୈମିତ୍ତିକ କାର୍ଯ୍ୟ ଥିଲା।

ମଣିଷ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜାଣେ। କର୍ମେନ୍ଦ୍ରିୟ ଦ୍ୱାରା କର୍ମ କରେ। ସମସ୍ତ ଜାଗତିକ ବସ୍ତୁକୁ ଅନୁଭବରେ ଆଣିବା ପାଇଁ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସାଧନ ଭାବରେ ବ୍ୟବହାର କରାଯାଏ। କିନ୍ତୁ ଏପରି କେତେ ଗୁଡ଼ିଏ ବସ୍ତୁ ଅଛନ୍ତି, ଯେଉଁଗୁଡ଼ିକୁ ଜାଣିବାରେ ଏହି ଇନ୍ଦ୍ରିୟଗୁଡ଼ିକ ସହାୟକ ହୋଇପାରନ୍ତି ନାହିଁ। ସେଗୁଡ଼ିକୁ ଜାଣିବା ପାଇଁ ଖାସ ମନର ହିଁ ସହାୟକତା ଦରକାର ପଡ଼େ। ଉଲ୍ଲେଖଯୋଗ୍ୟ ଯେ ଭଗବାନଙ୍କୁ ଜାଣିବା ପାଇଁ ଏମାନେ (ଇନ୍ଦ୍ରିୟ, ମନ ଓ ବୁଦ୍ଧି) ସିଧାସଳଖ କିଛି ସାହାଯ୍ୟ କିମ୍ବା ସହଯୋଗ କରିପାରନ୍ତି ନାହିଁ। ଭଗବାନଙ୍କୁ ଜାଣିବା ପାଇଁ ଯେଉଁ ପ୍ରକ୍ରିୟାଟି ଆବଶ୍ୟକ ତାହାକୁ କହନ୍ତି ସ୍ୱାନୁଭବ ବା ସ୍ୱାନୁଭବ ନିମନ୍ତେ ଭକ୍ତି ଆବଶ୍ୟକ।

ଠିକ ଏତିକିବେଳେ ଭଗବାନଙ୍କ ପ୍ରତି ଯେଉଁ ଅହେତୁକ ଭକ୍ତି ଆସେ ତାହାଦ୍ୱାରା ଭଗବାନଙ୍କ ବ୍ୟତୀତ ଭକ୍ତ ଆଉ କାହାକୁ ଶ୍ରେୟ ବୋଲି ଜାଣିପାରେ ନାହିଁ, ଠିକ ସେହି ଅବସ୍ଥା ହେଉଛି ଭଗବତ ପ୍ରାପ୍ତି ଅବସ୍ଥା। ଏହି କ୍ଷେତ୍ରରେ ନିଜେ ଭଗବାନ ଭଗବତ ପ୍ରାପ୍ତିର କାରଣ ଓ କାର୍ଯ୍ୟ ହୋଇଥାନ୍ତି। କାର୍ଯ୍ୟ କାରଣର ଏକାକାର ଅବସ୍ଥାକୁ ତଦାକାରାକାରିତ ଅବସ୍ଥା ବେଦାନ୍ତ ଦର୍ଶନରେ କୁହାଯାଏ। ଭକ୍ତର ଏତାଦୃଶ୍ୟ ଧର୍ମକୁ ଭାଗବତ ଧର୍ମ କୁହାଯାଏ।

ଶ୍ରୀମଦ୍ ଭାଗବତରେ ଅଣାକାର ପୁଣି ସାକାର ଏବଂ ଦିବ୍ୟ ଅଦିବ୍ୟର ପ୍ରତିମୂର୍ତ୍ତି ସ୍ୱୟଂ ଶ୍ରୀଜଗନ୍ନାଥ। ତାଙ୍କ ଲୋମ କୂପରେ କୋଟି କୋଟି ବ୍ରହ୍ମାଣ୍ଡ ଝୁଲୁଥିବାର ଭକ୍ତକବି ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ଯା ଲୋମ କୂପେ ଦୋହଲାଇ।' ସ୍ୱୟଂ ଭକ୍ତକବି ଭାଗବତରେ ଭଗବାନ ଏକ ସର୍ବବ୍ୟାପକ ଶକ୍ତି, ସେ ସକଳ ଘଟରେ ବିଦ୍ୟମାନ। 'ସକଳ ଘଟେ ନାରାୟଣ, ବସଇ ଅନାଦି କାରଣ।' ଗୀତାର 'ଅହମାତ୍ମା ଗୁଡ଼ାକେଶ ସର୍ବଭୂତଶୟସ୍ଥିତ' ପରି ଭକ୍ତକବି ଜଗନ୍ନାଥଙ୍କ ଭଗବାନ ସକଳ ପ୍ରାଣୀଙ୍କର ମଙ୍ଗଳକାରକ, ସକଳ ଘଟର କ୍ରିୟାଶକ୍ତି।

ପ୍ରଥମରୁ ଏକାଦଶ ସ୍କନ୍ଦ ପର୍ଯ୍ୟନ୍ତ ସମଗ୍ର ଭାଗବତଟି ନୀତିଶିକ୍ଷା, ସଂସାରିକ ଜୀବନ ଯାପନ କରିବା ପାଇଁ ମାର୍ଗ ନିର୍ଦ୍ଦେଶନ ଏବଂ ଭକ୍ତି ଭାବନାରେ ପରିପୂର୍ଣ୍ଣ। ତହିଁରୁ କେତୋଟି ପଂକ୍ତି ଉଲ୍ଲେଖ କଲେ ଏହା ପରିଷ୍କାର ରୂପେ ବୁଝାପଡ଼ିବ - 'ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର। ଆହାରେ ଭଲମନ୍ଦ ନାହିଁ, ଯେ ସ୍ଥାନେ ଯେପରି ମିଳଇ। ଦଣ୍ଡିବା ଶକ୍ତି ସାର ଥାଇ, ସେ ପୁଣି କ୍ଷମା ଆଚରାଇ। ଧନ୍ୟ ଜୀବନ ଏ ଜଗତେ, ଯେ ପ୍ରାଣଧରେ ପରହିତେ। ସକଳ ଘଟେ ନାରାୟଣ, ବସଇ ଅନାଦି କାରଣ। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ। ଦୁଃଖେ ସଞ୍ଚିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ।'

ଏକ ବିରାଟ ଭାଗବତ ଗ୍ରନ୍ଥରେ ଯୋଗ, ଧର୍ମ, ନୀତି, ଆଚାର, ବିଚାର ସହିତ ଭଗବାନଙ୍କର ଅବତାର ବର୍ଣ୍ଣନା ପାଠକ ପ୍ରାଣରେ ଅପୂର୍ବ ଭାବମୂର୍ତ୍ତି ସୃଷ୍ଟି କରେ। ମଣିଷର ମଙ୍ଗଳ କ'ଣ ? ଶାସ୍ତ୍ରର ସାର କ'ଣ ଶ୍ରୀକୃଷ୍ଣ କାହିଁକି ଜନ୍ମ ଗ୍ରହଣ କଲେ। ଭଗବାନ ଶ୍ରୀକୃଷ୍ଣ କି କାର୍ଯ୍ୟ କରିଥିଲେ ଏବଂ ଶେଷରେ ଧର୍ମ କିପରି ରକ୍ଷିତ ହେଲା ଇତ୍ୟାଦି ମୁଖ୍ୟ ଛଅଗୋଟି ବିଷୟ ଭାଗବତ ଗ୍ରନ୍ଥରେ ବର୍ଣ୍ଣିତ।

ସେଥିପାଇଁ ଭାଗବତ ଗ୍ରନ୍ଥର ପ୍ରଥମରେ ଉଲ୍ଲେଖ ରହିଛି - 'କିସ ମଙ୍ଗଳ ପୁରୁଷର, ସାର କି ସକଳ ଶାସ୍ତ୍ରର। ଦେବକୀ ଗର୍ଭେ ଯଦୁସାଇଁ, ଜନ୍ମ ଲଭିଲେ କାହିଁ ପାଇଁ। କି କାର୍ଯ୍ୟ କଲେ ଭଗବାନ, ହେଲେ କି ଅବତାର ମାନ। ସେ ପ୍ରଭୁ ହୋନ୍ତେ ଅନ୍ତର୍ହିତ, ଧର୍ମ ବା ହେଲା କାହାଶ୍ରିତ। ' ଯେଉଁଠି ସକଳ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଯେ ଭଗବାନଙ୍କ ଠାରେ ଐକାନ୍ତିକ ଭାବରେ ନିଜକୁ ସମର୍ପିତ କରିଥାଏ ଏବଂ ଭଗବାନ କୃପା ପ୍ରଦର୍ଶନ କରି ତାହାକୁ ଗ୍ରହଣ କରିଥାନ୍ତି ସେହିଠାରେ ଭାଗବତ ଧର୍ମର ଅବତାରଣା ହୋଇଥାଏ। ମହାଭାରତ ଓ ଭଗବତ ଗୀତାରେ ଏହାର ଉତ୍ସ ଅଛି। ଭଗବାନଙ୍କ ଠାରେ ଲୀନ ହେବା ଅପେକ୍ଷା ଭଗବତ ସାନ୍ନିଧ ଲାଭ ଅଧିକ ଶ୍ରେୟସ୍କର ହୋଇଥିବାରୁ ସାଯୁଜ୍ୟ ମୁକ୍ତି ଅପେକ୍ଷା ଭକ୍ତିବାଦରେ ସାଲୋକ୍ୟ ମୁକ୍ତିର ପ୍ରାଧାନ୍ୟକୁ ଅଙ୍ଗୀକାର କରାଯାଇଛି। ସାଲୋକ୍ୟ ମୁକ୍ତିଲାଭ କରିଥିବା ଭକ୍ତ ଭଗବାନଙ୍କ ସହିତ ଏକ ସ୍ଥାନରେ ଅବସ୍ଥାନ କରେ। ଜଗନ୍ନାଥଙ୍କୁ ପରମ ପ୍ରେମମୟ ଭଗବାନ ଦୃଷ୍ଟିରେ ଗ୍ରହଣ କରି ତାଙ୍କ ସହିତ ଏକତ୍ର ନିବାସ କରି ରହିବା ପ୍ରତ୍ୟେକ ଜଗନ୍ନାଥ ପ୍ରେମୀମାନଙ୍କର ପରମ ଅଭିଳାଷ।

ଭଗବାନ ଯେଉଁଠି ନିତ୍ୟ-ନିରନ୍ତର ଅବସ୍ଥାନ କରନ୍ତି ସେ ସ୍ଥାନଟି ଗୋଲକଧାମ ବା ବୈକୁଣ୍ଠଧାମ। ଭଗବାନ ଶ୍ରୀଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର ପୁରୁଷୋତ୍ତମ ଧାମକୁ ଏହି ପରିପ୍ରେକ୍ଷୀରେ 'ମର୍ତ୍ତ୍ୟ ବୈକୁଣ୍ଠ' ଭାବରେ ଗ୍ରହଣ କରାଯାଇଛି। ଏଠାରେ ଅବସ୍ଥାନ କରି ରହିବା ନିମନ୍ତେ ଭକ୍ତ ଜଗନ୍ନାଥଙ୍କ କୃପା ଉପରେ ନିର୍ଭର କରିଥାଏ। ତେଣୁ କୁହାଯାଏ ଜଗନ୍ନାଥ ଇଚ୍ଛା ନକଲେ ପୁରୀରେ ଖଣ୍ଡିଏ ବାସ ମିଳେନାହିଁ। ମର୍ତ୍ତ୍ୟ ବୈକୁଣ୍ଠ ରୂପକ ପୁରୁଷୋତ୍ତମ ଧାମରେ ଅବସ୍ଥାନ କରିବାର ଅର୍ଥ ସାଲୋକ୍ୟ ମୁକ୍ତି ଲାଭ କରିବା। ଏହି ଅଭିଳାଷରେ ପୁରୀରେ ଦେହ ତ୍ୟାଗ କରିବା କେତେ ପୁଣ୍ୟ ଫଳ ବୋଲି ଗଣ୍ୟ କରାଯାଏ। ଏହି ଆଶା ନେଇ କେତେ ଦୂର ଦୂରାନ୍ତରେ ଦେହତ୍ୟଗା କରିଥିଲେ ମଧ୍ୟ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟି ସଂସ୍କାର କରିବା ପାଇଁ ଲୋକେ ଧାଇଁ ଆସନ୍ତି। କାରଣ ଏହିଠାରେ ଦେହ ତ୍ୟାଗ ଓ ଶବଦାହ ଦ୍ୱାରା ଜୀବର ସାଲୋକ୍ୟମୁକ୍ତି ହୁଏ। ଓଡ଼ିଶାରେ ଭାଗବତ ଧର୍ମର ପରମ ପ୍ରତୀକ ଭକ୍ତ ଜଗନ୍ନାଥଙ୍କ ଶରଣାଗତ ହୋଇ ଗାଇଛନ୍ତି - 'ଜଗନ୍ନାଥ ! କିଛି ମାଗୁ ନାହିଁ ତୋତେ। ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।' ଓଡ଼ିଶାରେ ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମର ଏହା ଏକ ସଫଳ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ।

ଷୋଡ଼ଶ ଶତାବ୍ଦୀର ଅନ୍ୟତମ ବିଶିଷ୍ଟ କବି ଶ୍ରୀଜଗନ୍ନାଥ ଦାସ ଭାଗବତ ରଚନା କରି ଯେଉଁ ଗୌରବ ଅର୍ଜନ କରିଯାଇଛନ୍ତି ତାହା କ୍ୱଚିତ କବିଙ୍କ ଭାଗ୍ୟରେ ମିଳିପାରିଥାଏ। ସେ ଧର୍ମ ସାହିତ୍ୟକୁ ସଂସ୍କୃତର ନିଗଡ଼ ବନ୍ଧନରୁ ମୁକ୍ତ ରି ଯେ କୌଣସି ଓଡ଼ିଆ ଲେଖିପଢ଼ି ଜାଣିଥିବା ବ୍ୟକ୍ତିଙ୍କୁ ପଠନର ଅଧିକାର ଦେଇଯାଇଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସ କିନ୍ତୁ ଜଗନ୍ନାଥଙ୍କୁ ଅବତାର ରୂପେ ମାନିଛନ୍ତି। ସେ ସେଥିପାଇଁ ଲେଖିଛନ୍ତି :- 'ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ। ହୋଇଲୁ ଦଶ ଅବତାର, ନାଶିଲୁ ଅବନୀର ଭାର। ନମସ୍ତେ ପ୍ରଭୁ ଜଗନ୍ନାଥ, ଯାର ଶରୀର ଏ ଜଗତ, ତୁ ବିଶ୍ୱନାଥ ଜଗତ ପତି, ମହାପୁରୁଷ ସର୍ବରାତି।'

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬

'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଇମେଲ : ଷ୍ଟକ୍ସଙ୍କବ୯୯୯ଙ୍କକ୍ଷବକ୍ସବଷ୍ଟଙ୍କବଅଶଙ୍କବସକ୍ଷ.ମକ୍ଟଙ୍କ

# ସାଇତତ୍ତ୍ୱ

**ଅନୀତା ପଟ୍ଟନାୟକ**

ଜିଜ୍ଞାସୁ ବାବୁ ମୋର ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁ। ବାପା ଓ ସେ କଥାବାର୍ତ୍ତା କରୁଥିବା ସମୟରେ ମୁଁ ବେଳେ ବେଳେ ଶୁଣିବାକୁ ଚେଷ୍ଟାକରେ ଜିଜ୍ଞାସୁ ବାବୁ ଅନୁସନ୍ଧାନ କରି ନୂଆ ନୂଆ କଥା କହିଥାନ୍ତି। ସେ ଥରେ ବାପାଙ୍କୁ କହିଥିଲେ ଆପଣ ଜାଣିଛନ୍ତି ରାମତତ୍ତ୍ୱ, ଜଗନ୍ନାଥଙ୍କ ତତ୍ତ୍ୱ ଏସବୁ ମନର ଭାବନା କିମ୍ବା କୌଣସି ବିଶିଷ୍ଟ ବ୍ୟକ୍ତି ବା ସାଧୁସନ୍ଥଙ୍କର କଳ୍ପନା ଅଟେ। ଏହି କଳ୍ପନାଗୁଡ଼ିକୁ ସମାଜ ଏପରି ଭାବେ ଗ୍ରହଣ କରିନେଇଛି ଯେପରି ସେଗୁଡ଼ିକ ସବୁ ସତ୍ୟ। ବାପା ପଚାରିଲେ ତୁମେ ଏ ସବୁକୁ ସତ୍ୟ ବୋଲି ଭାବୁଛକି ? ସେ କହିଲେ ଏକଥା ସତ୍ୟ କି ମିଥ୍ୟା ମୁଁ କହୁନାହିଁ। ମୁଁ ଜାଣିବାରେ ରାମାୟଣ ଓ ମହାଭାରତ ଦୁଇଟି ମହାକାବ୍ୟ। ମହାଭାରତ ମଧ୍ୟରେ ଗୀତା ଅନ୍ତର୍ଭୁକ୍ତ। ତେଣୁ ଏହା ବାଲ୍ମୀକି ଓ ବ୍ୟାସଦେବଙ୍କର ଚିନ୍ତାଧାରା। ଯାହାକୁ କି ସମାଜ ସତ୍ୟ ଭାବରେ ଗ୍ରହଣ କରିଅଛି। ବାପା କହିଲେ ଜିଜ୍ଞାସୁବାବୁ ଆପଣ ଯାହା କହୁଛନ୍ତି ଏଥିରେ ସତ୍ୟତା ଥିଲା ପରି ଲାଗୁଛି। ଲୋକଙ୍କୁ ରାମାୟଣ ବୁଝାଇବାକୁ ଯାଇ ଭାଷ୍ୟାକାରମାନେ କହିଥାନ୍ତି 'ପୂର୍ବ ରାମ ତପୋବନାଦି ଗମନଂ, ହତ୍ୱା ମୃଗକାଞ୍ଚନଂ, ବୈଦେହୀ ହରଣଂ ଜଟାୟୁ ମରଣଂ, ସୁଗ୍ରୀବ ସମ୍ଭାଷଣଂ, ବାଳୀ ନିଗ୍ରହଣଂ, ସମୁଦ୍ର ତରଙ୍ଗଂ, ଲଙ୍କାପୁରୀ ଦାହନଂ, ପଶ୍ଚାଦ ରାବଣ କୁମ୍ଭକର୍ଣ୍ଣ ହନନଂ, ଏତଦ୍ଧି ରାମାୟଣଂ'। ସେହିପରି ବାପା କହିଲେ, କୃଷ୍ଣତତ୍ତ୍ୱ ଏକ ଚିନ୍ତାଧାରା କୃଷ୍ଣଙ୍କ ରୂପ ବର୍ଣ୍ଣନ କରିବାକୁ ଯାଇ ଭାଷ୍ୟାକାରମାନେ କୁହନ୍ତି - 'କସ୍ତୁରୀ ତିଳକଂ ଲଲାଟପଟଲେ ବକ୍ଷସ୍ଥଳେ କୌସ୍ତୁଭମ୍, ନାସାଗ୍ରେ ନବମୌକ୍ତିକଂ କରତଳେ ବେଣୁଃ କରେ କଙ୍କଣମ। ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେଷ୍ଟ ମୁକ୍ତାବଳୀ, ଗୋପସ୍ତ୍ରୀ ପରିବେଷ୍ଟିତୋ ବିଜୟତେ ଗୋପାଳ ଚୂଡ଼ାମଣିଃ।'

ବାପା ଜିଜ୍ଞାସୁବାବୁଙ୍କୁ ପଚାରିଲେ ଶ୍ରୀ ସତ୍ୟସାଇ ବାବାଙ୍କ ବିଷୟରେ ତୁମର ମତାମତ କ'ଣ ? ତାଙ୍କର ଶହେତମ ଜନ୍ମବାର୍ଷିକୀ ୨୩ ନଭେମ୍ବର ୨୦୨୫ରେ ପାଳିତ ହେବାକୁ ଯାଉଛି। ଭକ୍ତମାନେ ଆଗ୍ରହରେ ସାଇ ମନ୍ଦିରକୁ ଯାଇ ଭଜନକୀର୍ତ୍ତନ କରୁଛନ୍ତି। ଜିଜ୍ଞାସୁ ବାବୁ କହିଲେ ସତ୍ୟସାଇବାବା ମଧ୍ୟ ଏକ ଭାବନା ଓ ଚିନ୍ତାଧାରା। ସତ୍ୟସାଇ ମନ୍ଦିର ବୋଲି କିଛି ନାହିଁ। ତାଙ୍କର ଭକ୍ତମାନେ ଯେଉଁଠାରେ ତାଙ୍କର ଫଟୋ ବା ପ୍ରତିମୂର୍ତ୍ତି ରଖି ପୂଜାର୍ଚ୍ଚନା କରୁଛନ୍ତି ତାହା ମନ୍ଦିର ନୁହେଁ ବରଂ ତାର ନାମ ଶ୍ରୀସତ୍ୟସାଇ ସେବା ସଂଗଠନ। ମୁଁ ପ୍ରଶାନ୍ତି ନିଳୟମ ଯାଇଥିଲି ଯେଉଁଠାରେ ଭଗବାନ ଶ୍ରୀସତ୍ୟସାଇ ବାସ କରୁଥିଲେ। ତାଙ୍କର ସମାଧିରେ ଲେଖା ଯାଇଛି 'ଖକ୍ଷଙ୍ଗର ବକ୍ଷକ୍ଷ ଷ୍ଟରକ୍ସଙ୍ଗର ବକ୍ଷକ୍ଷ' ସମସ୍ତଙ୍କୁ ପ୍ରେମକର ସମସ୍ତଙ୍କର ସେବା କର। ଏପରି କାହିଁକି ଲେଖାଯାଇଛି ବୋଲି ଅନୁସନ୍ଧାନ ଆରମ୍ଭ କଲି। ସେଠାରେ ଜ୍ଞାନୀଗୁଣୀ ମାନଙ୍କୁ ପଚାରି ଜାଣିଲି ଯେ ସତ୍ୟସାଇବାବା କ'ଣ ପ୍ରଚାର କରିବାକୁ ଆସିଥିଲେ। ସେ କହୁଥିଲେ ମୁଁ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ। ଅଣୁ ପରମାଣୁ ଠାରୁ ବିଶ୍ୱ ବ୍ରହ୍ମାଣ୍ଡ ଜଗତ ପ୍ରାଣୀ ସମସ୍ତଙ୍କ ଭିତରେ ସେ ବିଦ୍ୟମାନ। ସେ କହୁଥିଲେ ମତେ ଭଲପାଇବା ଅର୍ଥ ସମସ୍ତଙ୍କୁ ଭଲ ପାଇବା। ପ୍ରେମର ଅର୍ଥକୁ ବୁଝାଇବାକୁ ଯାଇ ସେହ କହିଥିଲେ ଯାହା କୌଣସି ସ୍ୱାର୍ଥ ନଥାଇ କରାଯାଏ। ମଣିଷ ସେବା କରିବା ପୂର୍ବରୁ ତା ମଧ୍ୟରେ ପ୍ରେମଭାବ ଆସିବା ଦରକାର। ଆମ ଭିତରେ ପ୍ରେମ ଭାବ ନଥିଲେ ଆମେ କୌଣସି କାର୍ଯ୍ୟ ସଠିକ ରୂପରେ କରିନଥାଉ। ଯାହା ଭିତରେ ପ୍ରେମ ଭାବ ଥାଏ, ସେ ସେବା କରିବାକୁ ଯୋଗ୍ୟ। ସେ ପରସ୍ପରର କୁତ୍ସାରଟନା କରିବାକୁ ମନା କରୁଥିଲେ। କାରଣ ସେ କହୁଥିଲେ, ଅନ୍ୟର କୁତ୍ସାରଟନା କରିବା ଅର୍ଥ ଭଗବାନଙ୍କ କୁତ୍ସରଟନା କରିବା। ତେଣୁ ମୋ ମତରେ ଭଗବାନ ସତ୍ୟସାଇ ଜଣେ ମଣିଷ ନଥିଲେ, ମଣିଷ ରୂପଧାରୀ ଭଗବାନ ନଥିଲେ ସେ ରାମକୃଷ୍ଣଙ୍କ ପରି ଏକ ଚିନ୍ତାଧାରା ଥିଲେ। ସେ ଦେହ ତ୍ୟାଗ କରିବା ପୂର୍ବରୁ ଗୋଟିଏ ସୁପର ସ୍ପେଷାଲିଷ୍ଟ ହସ୍ପିଟାଲ ଆବାଳବୃଦ୍ଧବନିତାଙ୍କ ପାଇଁ ଓ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ନିଃଶୁଳ୍କ ହୃଦରୋଗ, ସ୍ନାୟୁ ଓ ଚକ୍ଷୁର ଏକ ଚିକିତ୍ସାଳୟ ଖୋଲିଥିଲେ ଓ ଏହାର ସଂପ୍ରସାରଣ ଅନ୍ୟାନ୍ୟ ସହରରେ ମଧ୍ୟ କରିଥିଲେ। ରୟାଲସୀମା ପରି ଅଞ୍ଚଳରେ ଜଳଯୋଗାଣର ବ୍ୟବସ୍ଥା କରିଥିଲେ। ପିଲାମାନଙ୍କ ପାଇଁ ବିଦ୍ୟାଳୟ, ମହାବିଦ୍ୟାଳ ଓ ବିଶ୍ୱବିଦ୍ୟାଳୟ ଖୋଲି ଦେଇଥିଲେ। ରାସ୍ତାରୁ ଉଠାଇ ଆଣି ରାସ୍ତାକଡ଼ରେ ବୁଲୁଥିବା ପିଲାମାନଙ୍କ ପାଇଁ ଦୀନୋଦ୍ଧାରଣ ପଠକମ୍ ଖୋଲି ନିଃଶୁଳ୍କ ଶିକ୍ଷାଦାନର ବ୍ୟବସ୍ଥା କରାଇଛନ୍ତି। ଶ୍ରୀ ସତ୍ୟସାଇଙ୍କ ଚିନ୍ତାଧାରା ଥିଲା ତୁମେ ତୁମ ପିଲାଙ୍କୁ ଭଲ ପାଉଛ। ଏଥିରେ ବାହାଦୁରୀ କ'ଣ ଅଛି। ଇତର ଜଗତର ପ୍ରାଣୀମାନେ ମଧ୍ୟ ତାଙ୍କ ପିଲାଙ୍କୁ ଭଲ ପାଆନ୍ତି। କିନ୍ତୁ ସେ କହିଛନ୍ତି ତୁମେ ଯେତେବେଳେ ଅନ୍ୟର ପିଲାକୁ ନିଜର ପିଲାପରି ଭଲପାଇ ପାରିବ ତାହାହିଁ ଦୈବତ୍ୱ। ଏହିପରି ଏକ ଭାବନାରୁ ସୃଷ୍ଟି ଶ୍ରୀସତ୍ୟସାଇ ସେବା ସଂଗଠନର ବାଳବିକାଶ। ଏହିପରି ମନୋଭାବ ରଖି ସତ୍ୟସାଇ ସେବା ସଂଗଠନର ପ୍ରତ୍ୟେକ ସଦସ୍ୟ ଅନ୍ନଦାନ ପରି ନାରାୟଣ ସେବା, ରକ୍ତଦାନ, ବସ୍ତ୍ରଦାନ, ମେଡ଼ିକାଲ ସେବା ପ୍ରଭୃତି ଯୋଗାଇ ଦେଇଥାନ୍ତି। ସତ୍ୟସାଇ ବାବାଙ୍କ ମତରେ ଏ ସବୁ ଚିନ୍ତାଧାରାରେ କୌଣସି ନୂତନତ୍ୱ କିମ୍ବା ଗୁରୁତ୍ୱ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ତୁମ ମାନଙ୍କ ମଧ୍ୟରେ ଏ ଚିନ୍ତାଧାରା କିଏ ସୃଷ୍ଟି କରୁଛି ସେ ହିଁ ଭଗବାନ। ତା ଉପରେ ଅନୁଶୀଳନ ଓ ଅନୁଧ୍ୟାନ କର।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# ମହାପ୍ରସାଦ

**କବୀର କୁମାର ଜେନା**

ମହାପ୍ରସାଦ ମୁଖ୍ୟତଃ ଦୁଇ ପ୍ରକାରର ଶୁଖିଲି ଭୋଗ, ନିଃସଙ୍ଖୁଡ଼ି ଭୋଗ। ଅନ୍ନ ମହାପ୍ରସାଦକୁ ନବାଢ଼ି ଭୋଜନ କରିବା ବିଧି ଥିବାରୁ ଏହାକୁ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ ଅବଢ଼ା ମଧ୍ୟ କୁହାଯାଇଥାଏ। ବ୍ରାହ୍ମଣ, ଶୂଦ୍ର ଏକତ୍ର ବସି ମହାପ୍ରସାଦ ସେବନ କରିବାର ବିଧି ରହିଛି। ତେଣୁ ମହାପ୍ରସାଦ ସ୍ପର୍ଶାସ୍ପର୍ଶ ଦୋଷ ବର୍ଜିତ।

ଏହି ଦିବ୍ୟ ମହାପ୍ରସାଦ ସମଗ୍ର ଭାରତବର୍ଷର ବିଭିନ୍ନ ଧର୍ମାଚାର୍ଯ୍ୟ ମାନଙ୍କର ମାନ୍ୟତା ପାଇବା ସଙ୍ଗେ ସଙ୍ଗେ ସର୍ବ ସଂପ୍ରଦାୟର ସମନ୍ୱୟ ଓ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମ୍ମାନ ଲାଭ କରିଛି। ଏହାର କାରଣ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ ଯଥା ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ଅନ୍ନାଦି ପାଚିତ ହେଉଛି। ଏ ସଂପର୍କରେ 'ନୀଳାଦ୍ରିମହୋଦୟ' ଗ୍ରନ୍ଥରେ କୁହାଯାଇଛି ଯେ - 'ଯଚ୍ଚାନ୍ନଂ ପଚତେଲକ୍ଷ୍ମୀ-ର୍ଭୋକ୍ତା ଚ ପୁରୁଷୋତ୍ତମଃ। ତତ୍ତୁ ଯତ୍ନେନ ଭୋକ୍ତବ୍ୟଂ ନାତ୍ରକାର୍ଯ୍ୟା ବିଚାରଣା।।' ଅର୍ଥାତ୍ ଯେଉଁ ଅନ୍ନ ସ୍ୱୟଂ ମହାଲକ୍ଷ୍ମୀ ରନ୍ଧନ କରନ୍ତି ଓ ଭୋକ୍ତା ସ୍ୱୟଂ ପୁରୁଷୋତ୍ତମ ଜଗଦୀଶ ସେହି ମହାପ୍ରସାଦକୁ କାଳ ବିଚାର ନରଖି ଯତ୍ନର ସହ ଭୋଜନ କରିବା ବିଧେୟ।

ସେହିପରି ବ୍ରହ୍ମାଣ୍ଡ ପୁରାଣର ବାକ୍ୟ ଅନୁଯାୟୀ - 'ଅତ୍ର ପାଚୟତେ-ଲକ୍ଷ୍ମୀ-ର୍ଭୋକ୍ତାହଂ ଯଜ୍ଞଭୁକ୍ ସ୍ୱୟଂ। ଭୋକ୍ତବ୍ୟଂ ମୁନିଭି-ର୍ବିପ୍ରୈର୍ଯତ୍ର କାର୍ଯ୍ୟା ବିଚାରଣା।।' ଅର୍ଥାତ୍ ସ୍ୱୟଂ ଲକ୍ଷ୍ମୀ ଏହା ରନ୍ଧନ କରନ୍ତି, ମୁଁ ସ୍ୱୟଂ ତାହା ଭୋଜନ କରେ। ସୁତରାଂ ମୁନି ଓ ବ୍ରାହ୍ମଣଗଣ ଅବଶ୍ୟ ନିର୍ବିଚାରରେ ଏହା ଭୋଜନ କରିବେ। ଶ୍ରୀଯନ୍ତ୍ର ରୂପକ ଠାଆ ବା ମୁରୁଜ ଉପରେ ନୈବେଦ୍ୟ ନିମନ୍ତେ ସ୍ୱର୍ଣ୍ଣମୟ ପାତ୍ରରେ ପରିବେଷିତ। ମନ୍ତ୍ରରାଜ ବା ଦ୍ୱାତ୍ରିଂଶାକ୍ଷରୀ ନୃସିଂହତାପନୀୟ ପାତାଳ ନୃସିଂହ ମନ୍ତ୍ରରେ ପ୍ରେକ୍ଷିତ ହେଉଛି। ଗୋବିନ୍ଦଙ୍କ ଅଷ୍ଟଦଶାକ୍ଷର ଗୋପାଳ ମନ୍ତ୍ରରେ ନୈବେଦ୍ୟ ହେଉଛି। ଭୈରବୀ ଚକ୍ରର ଉଚ୍ଛିଷ୍ଟ ଭୈରବୀ ବିମଳାଙ୍କୁ ସମର୍ପଣ କରାଯାଉଛି। ଅଷ୍ଟ ସାତ୍ତ୍ୱିକ ବୈଷ୍ଣବମାନଙ୍କୁ ଅବଶେଷାନ୍ନ ବଳି ଦିଆଯାଉଛି।

ଏହାକୁ ମହାପ୍ରସାଦର ଷଡ଼ଙ୍ଗ ସଂସ୍କାର କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀଯନ୍ତ୍ର କାରିକାରେ ଶ୍ରୀଚକ୍ର ବା ତ୍ରିପୁର ଭୈରବୀ ଯନ୍ତ୍ର ସଂପର୍କରେ ଆସିଲେ ଚଣ୍ଡାଳ ମଧ୍ୟ ଦ୍ୱିଜତ୍ୱ ପ୍ରାପ୍ତ ହୋଇଥାନ୍ତି। ତେଣୁ ଏହି ଯନ୍ତ୍ର ଉପରେ ନୈବେଦ୍ୟ ବଢ଼ାଯାଉଥିବାରୁ ଏଠାରେ ଅନ୍ନ ହିଁ ବ୍ରହ୍ମ ପଦବାଚ୍ୟ ହୋଇଥାଏ।

ପ୍ରାଚୀନ ଉତ୍କଳ ଇତିହାସ ପୁସ୍ତକରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ପରଂବ୍ରହ୍ମଙ୍କର ନୀତିକୁ ବର୍ଦ୍ଧିତ କରି ସୋମବଂଶୀୟ ରାଜାମାନେ ପଣ୍ଡା, ଗରାବଡ଼ୁ, ପତ୍ରିବଡ଼ୁ, ସୁଆର, ମହାସୁଆର, ଅଖଣ୍ଡ ମେକାପ, ପ୍ରତିହାରୀ, ଭଣ୍ଡାର ମେକାପ, ଦେଉଳକରଣ, ଚୂନରା ପ୍ରଭୃତି ସେବକଙ୍କୁ ନିଯୁକ୍ତ କଲେ। ଏମାନଙ୍କ ରାଜତ୍ୱ ସମୟରେ ପରମେଶ୍ୱରଙ୍କର ତିନୋଟି ଧୂପରେ ଅନ୍ନ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏଥି ପୂର୍ବରୁ ସତ୍ୟଯୁଗରେ ନୀଳମାଧବଙ୍କ ନିକଟରେ ସ୍ୱର୍ଗରୁ ଦେବତାମାନେ ସହସ୍ର ଉପଚାରରେ ଦିବ୍ୟ ଅନ୍ନ ମହାପ୍ରସାଦ ନୈବେଦ୍ୟ ପୂର୍ବକ ନାନାଦି ପୁଷ୍ପମାଲ୍ୟ ଓ ଅଳଙ୍କାର ଦ୍ୱାରା ବେଶ କରାଉଥିବା ପୁରାଣମାନଙ୍କ ବର୍ଣ୍ଣନାରୁ ଜଣାଯାଏ।

ମହାପ୍ରଭୁଙ୍କୁ ନିବେଦିତ 'ରାଜଭୋଗ' ମହାପ୍ରସାଦ ରୂପେ ସମଗ୍ର ଭାରତ ବର୍ଷରେ ବିଖ୍ୟାତ ହୋଇଥିଲା। ଏହି ମହାପ୍ରସାଦ ଶୁଷ୍କ ହେଉ ବା ବାସି ହେଉ 'ପ୍ରାପ୍ତି ମାତ୍ରେଣ ଭୋକ୍ତବ୍ୟମ୍'। ସେହି ହେତୁ ଶ୍ରୀମନ୍ଦିର ମହାପ୍ରସାଦର ମାହାତ୍ମ୍ୟ ଅବର୍ଣ୍ଣନୀୟ ଓ ଅନିର୍ବଚନୀୟ। ପ୍ରଚଳିତ ଜନଶ୍ରୁତି ଅନୁଯାୟୀ ଭାରତର ଚାରିଧାମ ମଧ୍ୟରୁ ଉତ୍ତରରେ ବିଷ୍ଣୁଙ୍କର ସ୍ନାନ ମୂର୍ତ୍ତି ବଦ୍ରିନାଥ, ଦକ୍ଷିଣରେ ଶୟନ ମୂର୍ତ୍ତି ରାମେଶ୍ୱର, ପଶ୍ଚିମରେ ବେଶ ମୂର୍ତ୍ତି ଦ୍ୱାରିକାନାଥ ପୂଜା ପାଉଥିବାବେଳେ ପୂର୍ବରେ ଶ୍ରୀପୁରୁଷୋତ୍ତମ ଧାମରେ ବିଷ୍ଣୁଙ୍କର ଭୋଜନ ମୂର୍ତ୍ତି ରୂପେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆରାଧିତ ହୋଇ ଆସୁଛନ୍ତି।

ଏହି ଦିବ୍ୟ କ୍ଷେତ୍ର ବା ଶ୍ରୀଲକ୍ଷ୍ମୀଙ୍କର କ୍ଷେତ୍ର ହୋଇଥିବାରୁ ପ୍ରଭୁ ଏଠାରେ ସର୍ବଦା ଅବସ୍ଥାନ କରିଥାନ୍ତି। ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ଏଠାରେ ପ୍ରଭୁଙ୍କ ନିମନ୍ତେ ଭୋଜନ ରନ୍ଧନ କରିଥାନ୍ତି। ଏହି ଦାରବ ବିଗ୍ରହ ବିଷ୍ଣୁଙ୍କୁ ଅର୍ପିତ ନୈବେଦ୍ୟରୁ କଣିକାଏ ପ୍ରାପ୍ତ କରିବା ବ୍ରାହ୍ମଣ ଓ ଦେବତାମାନଙ୍କ ପାଇଁ ଦୁର୍ଲଭ ହୋଇଉଠେ। ପଦ୍ମପୁରାଣରେ କୁହାଯାଇଛି ଯେ 'ତତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂଭୋକ୍ତାଜନାର୍ଦ୍ଦନଃ। ତସ୍ମାଓଦନ୍ନଂ ବିପ୍ରର୍ଷେ ଦେବତୈରପି ଦୁର୍ଲଭମ୍।।' ସେହିପରି ସ୍କନ୍ଦ ପୁରାଣରେ ପୁରୁଷେତ୍ତମ କ୍ଷେତ୍ର ମାହାତ୍ମ୍ୟରେ ବର୍ଣ୍ଣିତ ଅଛି ଯେ, ସ୍ୱୟଂ ଲକ୍ଷ୍ମୀ ଦେବୀ ହିଁ ପାକ କାର୍ଯ୍ୟ କରନ୍ତି ଏବଂ ମୂର୍ତ୍ତିମାନେ ସାକ୍ଷାତ ନାରାୟଣ ନିତ୍ୟ କମଳାଙ୍କ ସ୍ୱହସ୍ତ ସମ୍ପାଦିତ ଅନ୍ନ ଭୋଜନାଦି ସେବନ କରିଥାନ୍ତି। ହେ ମୁନିଗଣ ! ଭଗବାନଙ୍କର ସେହି ନୈବେଦ୍ୟୋନ୍ନ ଅମୃତ ସ୍ୱରୂପ, ଏହାକୁ ମସ୍ତକରେ ଧାରଣ କଲେ ସମସ୍ତ ପାପ ବିନଷ୍ଟ ହୁଏ। 'ଜଗଦ୍ଧାତ୍ର୍ୟା ହି ଯତପକ୍ୱଂ ବୈଷ୍ଣବୋଗ୍ନୌ ସୁସଂସ୍କୃତେ। ଭୁକ୍ତୋନ୍ୱହଂ ଚକ୍ରପାଣିର୍ଯୁଗମନ୍ୱନ୍ତରାବିଷ୍ଣୁ।।' ଅର୍ଥାତ୍ ଜଗଦ୍ଧାତ୍ରୀ ଲକ୍ଷ୍ମୀ ଦେବୀ ସ୍ୱୟଂ ସୁସଂସ୍କୃତ ବୈଷ୍ଣବାଗ୍ନିରେ ଏହା ପାକ କରନ୍ତି ଏବଂ ସ୍ୱୟଂ ଭଗବାନ ଚକ୍ରପାଣି ବହୁ ମନ୍ୱନ୍ତର ଓ ଯୁଗାଯୁଗାନ୍ତରୁ ଆଜି ପର୍ଯ୍ୟନ୍ତ ଭୋଜନ କରି ଆସୁଛନ୍ତି ଯାହାକି ଶ୍ରୀମହାପ୍ରାସଦ ରୂପେ ସୁପରିଚିତ ଅଟେ।

ସମଗ୍ର ଭାରତ ଭୂଖଣ୍ଡରେ ସୁପ୍ରତିଷ୍ଠିତ ବିଭିନ୍ନ ବିଷ୍ଣୁମନ୍ଦିରମାନଙ୍କର ନୈବେଦ୍ୟ ଭୋଗ ପ୍ରସାଦକୁ ନେଇ ଯେଉଁ ପ୍ରସିଦ୍ଧି ରହିଛି, ତନ୍ମଧ୍ୟରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥ ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥାଦି ବିଗ୍ରହ ମାନଙ୍କର ମହାପ୍ରସାଦର ମହତ୍ୱ ସର୍ବଶ୍ରେଷ୍ଠ। ବିଭିନ୍ନ ପୁରାଣ ଶାସ୍ତ୍ର ମାନଙ୍କରେ ମହାପ୍ରସାଦର ମାହାତ୍ମ୍ୟ ବର୍ଣ୍ଣନା ଦେଖିବାକୁ ମିଳେ।

ଏ ସମ୍ବନ୍ଧରେ 'ବୃହଦ୍ୱିଷ୍ଣୁପୁରାଣ'ରେ ବର୍ଣ୍ଣିତ ତଥ୍ୟ ପ୍ରକାରେ - 'ନୈବେଦ୍ୟ ଜଗଦୀଶସ୍ୟ ଅନ୍ନପାନାଦିକଞ୍ଚ ଯତ୍। ଭକ୍ଷ୍ୟାଭକ୍ଷ୍ୟ ବିଚାରସ୍ତୁ ନାସ୍ତି ତଦଭକ୍ଷଣେ ଦ୍ୱିଜଃ। ବ୍ରହ୍ମ ନିର୍ବିକାରଂ ହି ଯଥା ବ୍ରହ୍ମ ତଥୈବ ତତ୍। ବିକାରଂ ଯେ ପ୍ରକୁର୍ବନ୍ତି ଭକ୍ଷଣେ ତୁ ଦ୍ୱିଜାତୟଃ।।' ବ୍ରହ୍ମବୈବର୍ତ୍ତ ପୁରାଣ'ରେ ଉଲ୍ଲେଖ ଅଛି - 'ବିଷ୍ଣାଳୟଗତଂ ତଦ୍ଧି ନିର୍ମାଲ୍ୟଂ ପ୍ରତିପାଦୟଃ। ସ୍ପୃଶନ୍ତି ଚେନ୍ନ ଦୁଷ୍ଟଂ ତଦ୍ୟଥା ବିଷ୍ଣୁସ୍ତଥୈବ ତତ୍। ପୁନଃ ନୈବେଦ୍ୟଂ ବାସୁଦେବସ୍ୟ ମହାଭୟ ନବାରଣମ୍।।' ସେହିଭଳି ସ୍କନ୍ଦ ପୁରାଣରେ 'ନାଭିମାନଂ ପ୍ରକୁର୍ବୀରନ୍ ନିର୍ମାଲ୍ୟସ୍ୟୈବ ଭକ୍ଷଣେ। ଭକ୍ତ୍ୟା ଲୋଭାତ୍ କୌତୁକାଦ୍ୱା କ୍ଷୁଧାସଂଯମନୋପି ବା।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୯୧୭୩୭୭୯୮୭

## ସଂପାଦକୀୟ

# ଐତିହାସିକ ଜିଏସଟି ନିଷ୍ପତ୍ତି

ସାମଗ୍ରୀ ଏବଂ ସେବା ଟିକସ ଜିଏସଟି ସଂସ୍କାର ଏକ ଐତିହାସିକ ନିଷ୍ପତି ଯାହା ମଧ୍ୟବିତ ବର୍ଗ ଏବଂ ଗରିବଙ୍କ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଦେବ। ଜିଏସଟି ପରିଷଦ ୨୨ ସେପ୍ଟେମ୍ବର, ୨୦୨୫ ଠାରୁ କାର୍ଯ୍ୟକାରୀ ହେଉଥିବା ୫% ଏବଂ ୧୮%ର ଏକ ସରଳୀକୃତ ଦୁଇ-ସ୍ତରୀୟ ଟିକସ ଗଠନ ପ୍ରଚଳନ କରିଛି। ଏହି ପଦକ୍ଷେପ ଅର୍ଥନୀତିକୁ ବୃଦ୍ଧି କରିବା, ଜୀବନଧାରଣର ସହଜତାକୁ ପ୍ରୋତ୍ସାହିତ କରିବା ଏବଂ ବ୍ୟବସାୟ କରିବାର ସହଜତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି, ବିଶେଷକରି ଛୋଟ ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କ ପାଇଁ। ମୁଖ୍ୟ ଲାଭ - କମ୍ ହୋଇଥିବା ଟିକସ ବୋଝ : କେଶ ତେଲ, ସାମ୍ପୁ, ଟୁଥପେଷ୍ଟ ଏବଂ ଟଏଲେଟ ସାବୁନ୍ ବାର ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବାଗୁଡ଼ିକ ଏବେ ୫%ର କମ୍ ଜିଏସଟି ହାର ଆକର୍ଷିତ କରିବ, ଯାହା ସାଧାରଣ ଲୋକଙ୍କ ପାଇଁ ଅଧିକ ସୁଲଭ ହେବ। ସରଳୀକୃତ ଟିକସ ଗଠନ, ନୂତନ ଦୁଇ-ସ୍ତରୀୟ ଟିକସ ଗଠନ ଜିଏସଟି ବ୍ୟବସ୍ଥାକୁ ସରଳ କରିବ, ଦ୍ୱନ୍ଦ ହ୍ରାସ କରିବ ଏବଂ ଅନୁପାଳନରେ ଉନ୍ନତି ଆଣିବ। କୃଷିକୁ ପ୍ରୋତ୍ସାହନ : ଟ୍ରାକ୍ଟର ଏବଂ ଟ୍ରାକ୍ଟର ଅଂଶଗୁଡ଼ିକ ଉପରେ ଏବେ ୫% ଟିକସ ଲାଗୁ ହେବ, ଯାହା ଯଥାକ୍ରମେ ୧୮% ଏବଂ ୧୨%ରୁ ହ୍ରାସ ପାଇବ, ଯାହା କୃଷି କ୍ଷେତ୍ରକୁ ଲାଭଦାୟକ ହେବ। ଏମଏସଏମଇକୁ ସହାୟତା : ଜିଏସଟି ସଂସ୍କାରଗୁଡ଼ିକ କ୍ଷୁଦ୍ର ବ୍ୟବସାୟ ଏବଂ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ, ବ୍ୟବସାୟ କରିବାର ସହଜତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଅର୍ଥନୀତି ଉପରେ ପ୍ରଭାବ-ବର୍ଦ୍ଧିତ ସୁଲଭତା - ଜିଏସଟି ହାର ହ୍ରାସ ମଧ୍ୟବିତ ଏବଂ ଗରିବଙ୍କ ଜୀବନଧାରଣମାନଙ୍କୁ ଉନ୍ନତ କରିବ, ବ୍ୟବହାର, ନିବେଶ ଏବଂ ନିଯୁକ୍ତି ସୃଷ୍ଟିକୁ ଚାଳିତ କରିବ। ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଜିଏସଟି ସଂସ୍କାରଗୁଡ଼ିକ ବ୍ୟବହାର, ନିବେଶ ଏବଂ ନିଯୁକ୍ତି ସୃଷ୍ଟି ବୃଦ୍ଧି କରି ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ। କ୍ଷୁଦ୍ର ବ୍ୟବସାୟକୁ ସମର୍ଥନ : ଜିଏସଟି ସଂସ୍କାରଗୁଡ଼ିକ କ୍ଷୁଦ୍ର ବ୍ୟବସାୟ ଏବଂ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ, ଉଦ୍ୟୋଗୀତା ଏବଂ ଆର୍ଥାକ ବିକାଶକୁ ପ୍ରୋତ୍ସାହିତ କରିବ। ନେତାମାନଙ୍କ ପ୍ରତିକ୍ରିୟା : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି : ବ୍ୟାପୀ ସଂସ୍କାରଗୁଡ଼ିକ ଆମର ନାଗରିକଙ୍କ ଜୀବନକୁ ଉନ୍ନତ କରିବ ଏବଂ ସମସ୍ତଙ୍କ ପାଇଁ ବ୍ୟବସାୟ କରିବାର ସହଜତା ସୁନିଶ୍ଚିତ କରିବ, ବିଶେଷକରି ଛୋଟ ବ୍ୟବସାୟୀ ଏବଂ ବ୍ୟବସାୟ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ : ଜିଏସଟି ହାର ହ୍ରାସ ଏବଂ ପ୍ରକ୍ରିୟା ସଂସ୍କାରର ଏହି ଐତିହାସିକ ନିଷ୍ପତି ଗରିବ ଏବଂ ମଧ୍ୟବିତ ବର୍ଗଙ୍କୁ ବିପୁଳ ଆଶ୍ୱସ୍ତି ଦେବା ସହିତ ଚାଷୀ, ଏମଏସଏମଇ, ମହିଳା ଏବଂ ଯୁବକମାନଙ୍କୁ ମଧ୍ୟ ସମର୍ଥନ କରିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜିଏସଟି ସଂସ୍କାରଗୁଡ଼ିକ ଜୀବନଧାରଣର ସହଜତାକୁ ବୃଦ୍ଧି କରିବ, ବ୍ୟବସାୟ କରିବାର ସହଜତାକୁ ଆହୁରି ମଜବୁତ କରିବ, ଛୋଟ ବ୍ୟବସାୟକୁ ସଶକ୍ତ କରିବ, ଏବଂ ଆତ୍ମନିର୍ଭରଶୀଳ ଭାରତ ଅଧୀନରେ ଭାରତର ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରିବ। କଣ ଶସ୍ତା ହେବ - ଅତ୍ୟାବଶ୍ୟକୀୟ ସାମଗ୍ରୀ - କେଶ ତେଲ, ସାମ୍ପୁ, ଟୁଥପେଷ୍ଟ, ଟଏଲେଟ୍ ସାବୁନ୍ ବାର ଏବଂ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉପରେ ଏବେ ୫% ଜିଏସଟି ଲାଗୁ ହେବ। କୃଷି ଯନ୍ତ୍ରପାତି ଶ ଟ୍ରକ୍ଟର ଏବଂ ଟ୍ରାକ୍ଟର ଅଂଶ ଉପରେ ଏବେ ୫% ଟିକସ ଲାଗୁ ହେବ, ଯାହା କୃଷି କ୍ଷେତ୍ରକୁ ଲାଭ ଦେବ। ନବୀକରଣଯୋଗ୍ୟ ଶକ୍ତି ଉପକରଣ, ନବୀକରଣଯୋଗ୍ୟ ଶକ୍ତି ଉପକରଣ ଉପରେ ଏବେ ୫% ଜିଏସଟ ହାର ଲାଗୁ ହେବ, ଯାହା ୧୨%ରୁ ହ୍ରାସ ପାଇବ। ଚଷମା: ଦୃଷ୍ଟି ସଂଶୋଧନ ପାଇଁ ଚଷମା ଉପରେ ଏବେ ୫% ଜିଏସଟି ହାର ଲାଗୁ ହେବ। କଣ ମହଙ୍ଗା ହେବ - ବିଳାସପୂର୍ଣ୍ଣ ସାମଗ୍ରୀ : ୩୫୦ମମ ରୁ ଅଧିକ ବିଶିଷ୍ଟ ବିଳାସପୂର୍ଣ୍ଣ କାର, ଯଟଠ ଏବଂ ପ୍ରିମିୟମ୍ ମୋଟରସାଇକେଲ ଉପରେ ୪୦% ଜିଏସଟି ହାର ଲାଗୁ ହେବ। ପାପ ସାମଗ୍ରୀ : ପାନ ମସଲା, ଗୁଟକା, ସିଗାରେଟ ଏବଂ ଚୋବାଇବା ତମାଖୁ ସମେତ ପାପ ସାମଗ୍ରୀ ଉପରେ ୪୦% ଜିଏସଟି ହାର ଲାଗୁ ହେବ। କାର୍ବୋନେଟ ପାନୀୟ : କାର୍ବୋନେଟ୍ ପାନୀୟ ଏବଂ ସାମଗ୍ରୀ ଏବଂ ସେବା ଟିକସ (ଜିଏସଟି) ସଂସ୍କାର ଏକ ଐତିହାସିକ ନିଷ୍ପତି ଯାହା ମଧ୍ୟବିତ ବର୍ଗ ଏବଂ ଗରିବଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଦେବ। ଜିଏସଟି ପରିଷଦ ୨୨ ସେପ୍ଟେମ୍ବର, ୨୦୨୫ଠାରୁ କାର୍ଯ୍ୟକାରୀ ହେଉଥିବା ୫% ଏବଂ ୧୮%ର ଏକ ସରଳୀକୃତ ଦୁଇ-ସ୍ତରୀୟ ଟିକସ ଗଠନ ପ୍ରଚଳନ କରିଛି। ଏହି ପଦକ୍ଷେପ ଅର୍ଥନୀତିକୁ ବୃଦ୍ଧି କରିବା, ଜୀବନଧାରଣର ସହଜତାକୁ ପ୍ରୋତ୍ସାହିତ କରିବା ଏବଂ ବ୍ୟବସାୟ କରିବାର ସହଜତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି, ବିଶେଷକରି ଛୋଟ ବ୍ୟବସାୟୀ ଏବଂ ଉଦ୍ୟୋଗୀମାଳନଙ୍କ ପାଇଁ। ମୁଖ୍ୟ ଲାଭ- କମ ହୋଇଥିବା ଟିକସ ବୋଝ : କେଶ ତେଲ, ସାମ୍ପୁ, ଟୁଥପେଷ୍ଟ ଏବଂ ଟଏଲେଟ୍ ସାବୁନ ବାର ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବାଗୁଡ଼ିକ ଏବେ ୫%ର କମ୍ ଜିଏସଟି ହାର ଆକର୍ଷିତ କରିବ, ଯାହା ସାଧାରଣ ଲୋକଙ୍କ ପାଇଁ ଅଧିକ ସୁଲଭ ହେବ। ସରଳୀକୃତ ଟିକସ ଗଠନ : ନୂତନ ଦୁଇ-ସ୍ତରୀୟ ଟିକସ ଗଠନ ଜିଏସଟି ବ୍ୟବସ୍ଥାକୁ ସରଳ କରିବ, ଦ୍ୱନ୍ଦ ହ୍ରାସ କରିବ ଏବଂ ଅନୁପାଳନରେ ଉନ୍ନତି ଆଣିବ। କୃଷି କ୍ଷେତ୍ରକୁ ଲାଭଦାୟକ ହେବ। ଏମଏସଏମଇକୁ ସହାୟତା : ଜିଏସଟି ସଂସ୍କାରଗୁଡ଼ିକ କ୍ଷୁଦ୍ର ବ୍ୟବସାୟ ଏବଂ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ, ବ୍ୟବସାୟ କରିବାର ସହଜତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଅର୍ଥନୀତି ଉପରେ ପ୍ରଭାବ - ବର୍ଦ୍ଧିତ ସୁଲଭତା - ଜିଏସଟି ହାର ହ୍ରାସ ମଧ୍ୟବିତ ଏବଂ ଗରିବଙ୍କ ଜୀବନଧାରଣ ମାନକୁ ଉନ୍ନତ କରିବ, ବ୍ୟବହାର, ନିବେଶ ଏବଂ ନିଯୁକ୍ତି ସୃଷ୍ଟିକୁ ଚାଳିତ କରିବ। ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା : ଜିଏସଟି ସଂସ୍କାରଗୁଡ଼ିକ ବ୍ୟବହାର, ନିବେଶ ଏବଂ ନିଯୁକ୍ତି ସୃଷ୍ଟି ବୃଦ୍ଧି କରି ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବା। କ୍ଷୁଦ୍ର ବ୍ୟବସାୟକୁ ସମର୍ଥନ : ଜିଏସଟି ସଂସ୍କାରଗୁଡ଼ିକ କ୍ଷୁଦ୍ର ବ୍ୟବସାୟ ଏବଂ ଉଦ୍ୟୋଗୀମାନଙ୍କ ସଶକ୍ତ କରିବ, ଉଦ୍ୟୋଗୀତା ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ନେତାମାନଙ୍କ ପ୍ରତିକ୍ରିୟା - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ : ବ୍ୟାପୀ ସଂସ୍କାରଗୁଡ଼ିକ ଆମର ନାଗରିକଙ୍କର ଜୀବନକୁ ଉନ୍ନତ କରିବ ଏବଂ ସମସ୍ତଙ୍କ ପାଇଁ ବ୍ୟବସାୟ କରିବାର ସହଜତା ସୁନିଶ୍ଚିତ କରିବ, ବିଶେଷକରି ଛୋଟ ବ୍ୟବସାୟ ଏବଂ ବ୍ୟବସାୟ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ - ଜିଏସଟି ହାର ହ୍ରାସ ଏବଂ ପ୍ରକ୍ରିୟା ସଂସ୍କାରର ଏହି ଐତିହାସିକ ନିଷ୍ପତି ଗରିବ ଏବଂ ମଧ୍ୟବିତ ବର୍ଗଙ୍କୁ ବିପୁଳ ଆଶ୍ୱସ୍ତି ଦେବ, ସହିତ ଚାଷୀ, ଏମଏମଏମଇ, ମହିଳା ଏବଂ ଯୁବକମାନଙ୍କୁ ମଧ୍ୟ ସମର୍ଥନ କରିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜିଏସଟି ସଂସ୍କାରଗୁଡ଼ିକ ଜୀବନଧାରଣର ସହଜତାକୁ ବୃଦ୍ଧି କରିବ, ବ୍ୟବସାୟ କରିବାର ସହଜତାକୁ ଆହୁରି ମଜୁଭୁତ କରିବ, ଛୋଟ ବ୍ୟବସାୟକୁ ସଶକ୍ତ କରିବ ଏବଂ ଆତ୍ମନିର୍ଭର ଭାରତ ଅଧୀନରେ ଭାରତର ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜିଏସଟି ସଂସ୍କାର ପାଇଁ ଦୃଷ୍ଟିକୋଣକୁ ଯଥେଷ୍ଟ ପ୍ରଶଂସା ମିଳିଛି ଏବଂ ଏହା ଯୋଗ୍ୟକାରଣ ପାଇଁ। ସାମ୍ପ୍ରତିକ ପରିବର୍ତ୍ତନର ଲକ୍ଷ୍ୟ ନାଗରିକଙ୍କ ଉପରେ ବୋଝ କମ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବା। ସଂସ୍କାରର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି। ସରଳୀକୃତ ଟିକସ ଗଠନ : ୫% ଏବଂ ୧୮% ଏକ ଦୁଇସ୍ତରୀୟ ଜିଏସଟି ଗଠନ ପୂର୍ବ ଚାରି-ସ୍ଲାବ ଗଠନକୁ ବଦଳାଇବ, ଦ୍ୱନ୍ଦ କରିବ ଏବଂ ଅନୁପାଳନକୁ ଉନ୍ନତ କରିବ। ଏହି ପରିବର୍ତ୍ତନ ଚାଷୀ, ଏମଏସଏମଇ, ମଧ୍ୟବିତ ବର୍ଗ, ମହିଳା ଏବଂ ଯୁବପିଢୀଙ୍କୁ ଲାଭ ପହଂଚାଇବ ବୋଲି ଆଶା କରାଯାଉଛି। କମ୍ ହୋଇଥିବା ଟିକସ ବୋଝ, କେଶ ତେଲ, ସାମ୍ପୁ, ଟୁଥପେଷ୍ଟ ଏବଂ ଟଏଲେଟ୍ ସାବୁନ୍ ବାର ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ସେବାଗୁଡ଼ିକ ୫%ର କମ୍ ଜିଏସଟି ହାର ଆକର୍ଷିତ କରିବ, ଯାହା ସାଧାରଣ ଲୋକଙ୍କ ପାଇଁ ଅଧିକ ସୁଲଭ ହେବ। ନେତାମାନଙ୍କ ପ୍ରତିକ୍ରିୟା ; ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରବର୍ତ୍ତୀ ପିଢିର ସଂସ୍କାର ପାଇଁ କୃଷିକୁ ପ୍ରୋତ୍ସାହନ : ଟ୍ରାକ୍ଟର ଏବଂ ଟ୍ରାକ୍ଟର ଅଂଶଗୁଡ଼ିକ ଉପରେ ଏବେ ୫% ଟିକସ ଲାଗୁ ହେବ, ଯାହା ଯଥାକ୍ରମେ ୧୮% ଏବଂ ୧୨%ରୁ ହ୍ରାସ ପାଇବ, ଯାହା କୃଷି କ୍ଷେତ୍ରକୁ ଲାଭଦାୟକ ହେବ। ଏମଏସଏମଇକୁ ସହାୟତା : ଜିଏସଟି ସଂସ୍କାରଗୁଡ଼ିକ କ୍ଷୁଦ୍ର ବ୍ୟବସାୟ ଏବଂ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ, ବ୍ୟବସାୟ କରିବାର ସହଜତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ପରିଷଦର ଅନୁମୋଦନକୁ ପ୍ରଶଂସା କରି କହିଛନ୍ତି ଯେ ଏହା ନାଗରିକଙ୍କ ଜୀବନକୁ ଉନ୍ନତ କରିବ ଏବଂ ବ୍ୟବସାୟ କରିବାର ସହଜତା ସୁନିଶ୍ଚିତ କରିବ। ଗୃହମନ୍ତ୍ରୀ ଅମିତ ଶାହ ଏହି ସଂସ୍କାରକୁ ଐତିହାସିକ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଏହା ଗରିବ ଏବଂ ମଧ୍ୟବିତ ବର୍ଗଙ୍କ ପାଇଁ ବଡ ଆଶ୍ୱସ୍ତି ଆଣିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉଲ୍ଲେଖ କରିଛନ୍ତି ଯେ ଏହି ସଂସ୍କାରଗୁଡ଼ିକ ଜୀବନଧାରଣର ସହଜତାକୁ ବୃଦ୍ଧି କରିବ, ବ୍ୟବସାୟ କରିବାର ସହଜତାକୁ ସୁଦୃଢ଼ କରିବ ଏବଂ ଭାରତର ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରିବ। ଅର୍ଥନୀତି ଉପରେ ପ୍ରଭାବ - କୃଷିକୁ ପ୍ରୋତ୍ସାହନ : ଟ୍ରାକ୍ଟର ଏବଂ ଟ୍ରାକ୍ଟର ଅଂଶଗୁଡ଼ିକ ଉପରେ ଏବେ ୫% ଟିକସ ଲାଗୁ ହେବ, ଯାହା ଯଥାକ୍ରମେ ୧୮% ଏବଂ ୧୨%ରୁ ହ୍ରାସ ପାଇବ, ଯାହା କୃଷି କ୍ଷେତ୍ରକୁ ଲାଭଦାୟକ ହେବ। ଏମଏସଏମଇକୁ ସହାୟତା : ଜିଏସଟି ସଂସ୍କାରଗୁଡ଼ିକ କ୍ଷୁଦ୍ର ବ୍ୟବସାୟ ଏବଂ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବ, ବ୍ୟବସାୟ କରିବାର ସହଜତା ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ସଂସ୍କାରଗୁଡ଼ିକ ଅଭିବୃଦ୍ଧି, ବ୍ୟବହାର ଏବଂ ନିଯୁକ୍ତି ସୃଷ୍ଟିକୁ ଚାଳିତ କରିବ ବୋଲି ଆଶା କରାଯାଉଛି।



# ସାଇବର ଅପରାଧ ଓ ଆର୍ଥିକ ଠକେଇ ନିରାକରଣ ଉପରେ ତାଲିମ ଶିବିର

ଅନୁଗୁଳ,୫।୯:(ମନ୍ଥନ)ଆଜି ଜିଲ୍ଲା ପୋଲିସ ମୁଖ୍ୟାଳୟ ଠାରେ ରାଜ୍ୟରେ ପ୍ରଥମ ଥର ପାଇଁ ସାଇବର ଅପରାଧ ଓ ଆର୍ଥିକ ଠକେଇ ମୁକାବିଲା କରିବା ପାଇଁ ଏକ ତାଲିମ ଶିବିର ଆୟୋଜିତ ହୋଇଯାଇଛି । ଉତ୍ତର କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ରୂପେ ଏହି ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଏହି ଶିବିର ବିତ୍ତୀୟ ଠକେଇ ଓ ସମାଜରେ ବଢି ଚାଲିଥିବା ସାଇବର ଆକ୍ରମଣ କୁ ପ୍ରତିହତ କରିବାରେ ଏହା ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଅନୁଗୁଳ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଏବଂ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଶିବିର ର ଆଭିମୁଖ୍ୟ ଓ ସଫଳତା ଉପରେ ଆଲୋକପାତ କରିଥିଲେ। ୬ ଜଣ ଡିଏସପି, ୧୯ ଜଣ ଇନ୍ସପେକ୍ଟର, ୨୫ ଜଣ ସବ ଇନ୍ସପେକ୍ଟର ଏବଂ ୧୩ ଜଣ ବଛା ବଛା କନଷ୍ଟେବଳ ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ । ଏହି ଶିବିରରେ ଆଇ ଡି ଏଫ୍ ସି ଫାଷ୍ଟ ବ୍ୟାଙ୍କ୍ ପକ୍ଷରୁ ରବି ପ୍ରକାଶ ଶୁକ୍ଳା, ଜାତୀୟ ମ୍ୟାନେଜର, ପ୍ରଦୀପ୍ତ ଦାସ ମଜୁମଦାର, ଆଞ୍ଚଳିକ ପ୍ରବନ୍ଧକ, ସକିର ପରବେଜ୍, ଆଞ୍ଚଳିକ ପ୍ରବନ୍ଧକ, ପ୍ରଭାକର ଦାସ ଏରିଆ। ମ୍ୟାନେଜର ଭୁବନେଶ୍ୱର, ବିଶ୍ୱଜିତ ଷଡ଼ଙ୍ଗୀ, ଟେରିଟରି ମ୍ୟାନେଜର ଭୁବନେଶ୍ୱର , ବିଶ୍ୱଜିତ ପଟ୍ଟନାୟକ, ମ୍ୟାନେଜର ଆଇ ଡି ଏଫ୍ ସି, ଅନୁଗୋଳ ବିଶେଷଜ୍ଞ ବକ୍ତା ରୂପେ ଯୋଗ ଦେଇ ବିଭିନ୍ନ ପ୍ରକାର ସାଇବର ଠକେଇ ଓ ଏହାର ନିରାକରଣ ଉପରେ ତାଲିମ ଦେଇଥିଲେ । ବିଶେଷଜ୍ଞ ମାନେ ବ୍ୟାଙ୍କିଙ୍ଗ ଫ୍ରଡ, ଅନ୍ ଲାଇନ୍ ସ୍କାମ,ଅର୍ଥ ଦେଣ ନେଣ ବେଳେ ସତର୍କତା ଆଦି ଉପରେ ତାଲିମ ଦିଆଯିବ ସହଗ୍ରାହକ ମାନଙ୍କ ସଞ୍ଚିତ ଧନ କିଭଳି ସୁରକ୍ଷିତ ରହିବ ତା ଉପରେ ଫଳପ୍ରଦ ଆଲୋଚନା କରିଥଲେ। ଅନୁଗୁଳ ପୋଲିସ ର ଏହି ନୂତନ ଆଭିମୁଖ୍ୟ ଜିଲ୍ଲା ରେ ବଢ଼ି ବଢ଼ି ଚାଲିଥିବା ସାଇବର କ୍ରାଇମ୍ କୁ ରୋକିବାରେ ନିଶ୍ଚିତ ସଫଳ ଆଣିଦେବ ବୋଲି କୁହାଯାଉଛ।




# ଆଦିତ୍ୟ ଆଲୁମିନା ରିଫାଇନାରୀ ଓ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର

ରାୟଗଡା,୫।୯:(ମନ୍ଥନ)ଗ୍ରାମାଞ୍ଚଳରେ ପଶୁପାଳନକୁ ନେଇ ଉତ୍ସାହ ବୃଦ୍ଧି ଓ ସ୍ଥାୟୀ ଜୀବିକା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ରାୟଗଡା ଜିଲ୍ଲା କଂସାରିଗୁଡା ଠାରେ ପ୍ରତିଷ୍ଠିତ ଆଦିତ୍ୟ ଆଲୁମିନା ରିଫାଇନେରୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିଁଲା ଗ୍ରୁପର ଏହି ୟୁନିଟ୍ ୟ ଆଜି ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ) ମଧ୍ୟରେ ଆନୁଷ୍ଠାନିକ ଭାବେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଯାଇଛିୟ ସ୍ଥାନୀୟ କଂସାରିଗୁଡ଼ା ଠାରେ ଏହି ଆଧୁନିକ ପ୍ରାଣୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହେବ । ଆଦିତ୍ୟ ଆଲୁମିନା ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଏହି ଅଭିନବ ପଦକ୍ଷେପ ଗ୍ରହଣ ହୋଇଥିବା ବେଳେ ସ୍ଥାନୀୟ ଗ୍ରାମାଞ୍ଚଳରେ ଉନ୍ନତ ପ୍ରାଣୀ ସ୍ୱାସ୍ଥ୍ୟସେବା ପାଇଁ ଥିବା ଆବଶ୍ୟକତାକୁ ପୂରଣ ନେଇ ଏହାର ଲକ୍ଷ୍ୟ ରଖିଛି । ଏହି ଅଭିଯାନ ଅଧୀନରେ ଗୃହପାଳିତ ଗାଈ, ଛେଳି, କୁକୁଡ଼ା ଓ ବୁଲା ଜୀବଜନ୍ତୁଙ୍କୁ ଉଚ୍ଚମାନର ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯିବ । ଏଥିସହିତ ଏହି ସେବାକୁ ଆହୁରି ବ୍ୟାପକ କରିବା ପାଇଁ ଏକ ସ୍ୱତନ୍ତ୍ର ଆନିମଲ ହେଲଥ୍ ଭ୍ରାମ୍ୟମାଣ ଭ୍ୟାନ୍ ବ୍ୟବସ୍ଥା କରାଯାଇଛି । ଯାହା ମୋବାଇଲ୍ ସେବା ସହିତ କଂସାରିଗୁଡ଼ା ଏବଂ ଲକ୍ଷ୍ମୀପୁର ଅଞ୍ଚଳର ପ୍ରାୟ ୫୦ଟି ଗ୍ରାମରେ ପ୍ରାଣୀ ସ୍ୱାସ୍ଥ୍ୟ ସେବା ଯୋଗାଇବ । ଏହି ସୁବିଧା ଗୃହ ପାଳିତ ପଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ ଗ୍ରାମୀଣ ପରିବାରର ଆର୍ଥିକ ଉନ୍ନତିରେ ସହାୟକ ହେବ । ଏ ନେଇ ଆଦିତ୍ୟ ଆଲୁମିନା ରିଫାଇନେରୀ ୟୁନିଟ୍ ହେଡ୍ ଏବଂ ସଭାପତି ଶ୍ରୀ ମଜହର ବେଗ୍ କହିଛନ୍ତି ଯେ, ଏହି ପଦକ୍ଷେପ ସମସ୍ତଙ୍କ ପାଇଁ ଅଭିବୃଦ୍ଧି, ସ୍ଥାୟୀ ଜୀବିକା ଓ ପ୍ରାଣୀ ଚିକିତ୍ସା ମାଧ୍ୟମରେ ତୃଣମୂଳ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ପ୍ରାଣୀ ଚିକିତ୍ସା ସେବା ବ୍ୟତୀତ, ଆଦିତ୍ୟ ବିଁଲା ରିଫେନେରି ସିଏସଆର ଦ୍ୱାରା ଏହି ଅଭିଯାନ ମାଧ୍ୟମରେ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା, ଆୟ ବୃଦ୍ଧି ଏବଂ ଉନ୍ନତ ପଶୁପାଳନ ଅଭ୍ୟାସ ମାଧ୍ୟମରେ ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବା ଉପରେ ଏକ ସାମଗ୍ରିକ ପଦକ୍ଷେପ ୟ ସମ୍ପ୍ରତି ପ୍ରୟାସ ପାଇଁ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏହାର ଦୀର୍ଘକାଳୀନ ସଫଳତା ପାଇଁ ବୈଷୟିକ ଜ୍ଞାନକୌଶଳ ଏବଂ କାର୍ଯ୍ୟକ୍ଷେତ୍ରରେ ପରିଚାଳନାଗତ ସହାୟତା ପ୍ରଦାନ କରିବ । ଏହି ବୁଝାମଣା ପତ୍ର ଆଦିତ୍ୟ ଆଲୁମିନା ରିଫାଇନାରୀର ୟୁନିଟ୍ ହେଡ୍ ଏବଂ ସଭାପତି ଶ୍ରୀ ମଜହର ବେଗ୍ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡଃ ଅନିତା ପାତ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ପ୍ରଫେସର ଡଃ ମୁକ୍ତି କାନ୍ତ ମିଶ୍ର, ସଭାପତି, ସିୟୁଟିଏମ୍, ଶ୍ରୀମତୀ ଅରୁନ୍ଧତୀ ବିଶ୍ୱାଳ, ନିର୍ଦ୍ଦେଶକ - ପାର୍ଟନରସିପ୍ସ, ସିୟୁଟିଏମ୍, ଦୀପକ ମହାନ୍ତି, ମୁଖ୍ୟ - ଏଚ୍ଆର, ଆଦିତ୍ୟ ଆଲୁମିନା ରିଫାଇନାରୀ, ମୃତ୍ୟୁଞ୍ଜୟ ଲେଙ୍କା, ଉପ-ସଭାପତି ମାଇନ୍ସ, ତନ୍ମୟ ମାହାନ୍ତି, ମୁଖ୍ୟ ସିଏସଆର ଏବଂ ଆର୍ ଓ ଆର୍ ଙ୍କ ସମେତ ଆଦିତ୍ୟ ଆଲୁମିନା ଓ ସିୟୁଟିଏମ୍ ଅନୁଷ୍ଠାନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁଦିବସ

ଅନୁଗୁଳ,୫।୯:(ମନ୍ଥନ)ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ପବିତ୍ର ଗୁରୁଦିବସ ଉତ୍ସବ ପାଳିତ ହୋଇଯାଇଅଛି । ଏହି ଅବସରରେ କୁମଣ୍ଡ ଜରାସିଂହା ଉଚ୍ଚ ବିଦ୍ୟାଳୟରଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁଙ୍କୁ ଆଜି ଦିବସର ଉଦ୍ଦେଶ୍ୟ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ ।ଭାରତ ବିକାଶ ପରିଷଦର ସଂପାଦକ ତଥା ବିଦ୍ୟାଳୟର ପୂର୍ବତନ ସଂପାଦକ ବିଜୟ କୁମାର ମୋଦୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତରହି ଭାରତୀୟସଂସ୍କୃତିରେ ଗୁରୁ ପରମ୍ପରାର ମହତ୍ତ୍ୱ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତି ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ସଦସ୍ୟ ବୁଲୁ ବେହେରା, କଲେଜ ଅଧ୍ୟକ୍ଷ ସିଦ୍ଧନାଥ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବରେ



ଉପସ୍ଥିତ ଥିଲେ। ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥି ପରିଚୟ ସହିତ ଦିବସର ଆଭିମୁଖ୍ୟ ପ୍ରଦାନ କରିଥିଲେୟବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅକ୍ରୁର ବେହେରା ଡ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନୀ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଏହି ଅବସରରେ ବିଦ୍ୟାଳୟର ସଫଳକ୍ରୀଡାବିତ ଅଂଶୁମାନ ଧଳଙ୍କୁ ଅତିଥ୍ୟଗଣ ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁଙ୍କ ଉଦ୍ଦେଶ୍ୟରେ ଏକ ସୁନ୍ଦର ନାଟକପରିବେଷଣ କରିଥିଲେ।

# ସୂର୍ଯ୍ୟମଣୀ ଗୌଡ଼ଙ୍କୁ ଚିକିତ୍ସାର ହାତ ବଢାଇଲେ ଉତ୍କଳ ଗୋପାଳ ସମାଜ

**ରାୟଗଡ,୫।୯:(ମନ୍ଥନ)**ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ ଲଦାଖମଣ ନିବାସୀ ସୂର୍ଯ୍ୟମଣୀ ଗୌଡ଼ କଟକ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି । ସେ ଚିକିତ୍ସାଧୀନ ଅବସ୍ଥାରେ ଥିବା ସୂର୍ଯ୍ୟମଣୀଙ୍କର ଅପରେସନ ପାଇଁ ଦୁଇଟି ବ୍ଲଡ଼ ର ଆବଶ୍ୟକତା ଥିବା ସ୍ଥଳେ ରାୟଗଡ଼ ଜିଲ୍ଲାର ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ଉପସଭାପତି ଶରତ ଚନ୍ଦ୍ର ଗୌଡ଼ ଏବଂ କାଶୀପୁର ବ୍ଲକ ଜୁନ ସଭାପତି ଲାବଣ୍ୟ ଗୌଡ଼ଙ୍କୁ ଅବଗତି କରାଇଥିଲେ । ଉତ୍କଳ ଗୋପାଳ ସମାଜ ରାଜ୍ୟ ସଭାପତି ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପରିଡା ତଥା ମହିଳା ସଂଗଠନ ରାଜ୍ୟ ସଂଯୋଜିକା ଶ୍ରୀମତୀ ଛବିଲତା ଦାସଙ୍କୁ ଜଣାଇ ଥିଲେ । ଯକ୍ଷଦ୍ୱାରା ଦୁଇଟି ବ୍ଲଡ଼ ର ବ୍ୟବସ୍ଥା କରାଇ ଥିଲେ । ତାପର ଦିନ ସକାଳେ ରାଜ୍ୟ ଉପସଭାପତି ଗଗନ ବିହାରୀ ବାରିକ ଏବଂ କଟକ ଜିଲ୍ଲା



ମହିଳା ସଂଗଠନର ସଭାନେତ୍ରୀ ସରୋଜିନୀ ଦାସ କିଛି ଜିନିଷପତ୍ର ସହିତ ଉପସ୍ଥିତ ରହି ଭଲମନ୍ଦ ବୁଝାସୁଝା କରିଥିଲେ । ଆଗାମୀ ଦିନରେ ସୂର୍ଯ୍ୟମଣୀ ଙ୍କର କିଛି ଅସୁବିଧା ନ ହେବା ପାଇଁ ଉତ୍କଳ ଗୋପାଳ ସମାଜ ତଦାରଖ ନିଶ୍ଚିନ୍ତ ଭାବରେ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପରିଡା ଅବଗତ କରାଇଛନ୍ତି । ଉତ୍କଳ ଗୋପାଳ ସମାଜ ତରଫରୁ ଏହି ସେବାକାର୍ଯ୍ୟ ପାଇଁ ଶ୍ରୀଯୁକ୍ତ ଗଗନ ବିହାରୀ ବାରିକ, ଶ୍ରୀମତୀ ଛବିଲତା ଦାସ ଓ ସରୋଜିନୀ ଦାସ ଙ୍କୁ ଧନ୍ୟବାଦ ଅର୍ପଣ କରାଯାଉଛି । ଗୋପାଳ ଏକତା ଆମ ସମସ୍ତଙ୍କର ଲକ୍ଷ୍ୟ । ସେବାକାର୍ଯ୍ୟ ଆମ ସମସ୍ତଙ୍କର ଏକ ବ୍ରତ । ତେବେ ଏ ପରି ସେବା କାର୍ଯ୍ୟକୁ ଗୋପାଳ ସମାଜ ପ୍ରଶଂସା କରିଥିଲେ ।

# ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ



ଜଗତସିଂହପୁର,୫।୯:(ମନ୍ଥନ)ଆଜି ପୂର୍ବାହ୍ନ ରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରଠାରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୧ ଜଣ ମାଧ୍ୟମିକ ଶିକ୍ଷକ, ୮ ଜଣ ପ୍ରାଥମିକ ଶିକ୍ଷକ ଓ ଜଣେ ସି. ଆର୍. ସି.ସି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ, ସମ୍ମାନୀୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ସୁଶାନ୍ତ ମହାନ୍ତି, ଜଗତସିଂହପୁର ବ୍ଲକ ଶିକ୍ଷାଧିକାରୀ ମଧୁସ୍ମିତା ପତି, ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ବିଶ୍ୱନାଥ ମଲ୍ଲିକ, ନାଉଗାଁ ବ୍ଲକ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତ, ବିରିଡ଼ି ବ୍ଲକ ଶିକ୍ଷାଧିକାରୀ ମହର କୁମାର ପାଲ୍, ଡାଏଟ୍, ଜଗତସିଂହପୁରର ପ୍ରଧାପକ ଜ୍ୟୋସ୍ନା ରାଣୀ ଦାସ ଯୋଗଦାନକରି ଶିକ୍ଷକ ମାନଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପଦ୍ମଜ ଉମା କାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ବିଜୟ ଲକ୍ଷ୍ମୀ ଦାସ, ସସ୍ମିତା ଶତପଥୀ, ପ୍ରଜ୍ଞା ପ୍ରିୟଦର୍ଶିନୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସୁମିତ୍ରା ମଲ୍ଲିକ, ଦୃପ୍ତି ଦାସ, ନରେନ୍ଦ୍ର ବେହେରା ଇତ୍ୟାଦି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ସେବାପକ୍ଷ ପାଳନ ପାଇଁ ଅନୁଗୁଳରେ ବିଜେପିର କର୍ମଶାଳା

ଅନୁଗୁଳ,୫।୯:(ମନ୍ଥନ)ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କର ଜନ୍ମଦିନ ଆସନ୍ତା ସେପ୍ଟେମ୍ବର ୧୭ ତାରିଖୟ ପ୍ରଧାନମନ୍ତ୍ରୀ ଙ୍କ ଜନ୍ମଦିନ ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରିବ ବିଜେପି । ସମଗ୍ର ଦେଶରେ ବିଜେପି ପକ୍ଷରୁ ସେବା ପକ୍ଷ ପାଳନ କରାଯିବୟ ଶୁକ୍ରବାର ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ସେବାପକ୍ଷ ପାଳନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉକ୍ତ କର୍ମଶାଳା ରେ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ଅଦ୍ୱିତୀୟ ନେତା ତାଙ୍କ ସମୟରେ ଭାରତ ବିକାଶ ର ଶୀର୍ଷ ରେ ପହଁଚିଛି କୋଟି କୋଟି ଭାରତୀୟଙ୍କର ହୃଦୟ ରେ ପ୍ରଧାନମନ୍ତ୍ରୀ ମୋଦି ସ୍ଥାନିତ ହୋଇ ପାରିଛନ୍ତି । ତାଙ୍କ ଜନ୍ମଦିନ କୁ ବିଜେପି ପକ୍ଷରୁ ଧୂମଧାମ ରେ ପାଳନ କରାଯିବ ।



ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରାଯିବ । ସ୍ୱଚ୍ଛ ଭାରତ, ରକ୍ତଦାନ ଶିବିର, ମଠ ମନ୍ଦିର ରେ ପୂଜାର୍ଚ୍ଚନା, ବିଭିନ୍ନ ପ୍ରଦର୍ଶନୀ, ଓ ବିଭିନ୍ନ ସେବା ମୂଳକ କାର୍ଯ୍ୟ କରାଯିବ ବୋଲି ଶ୍ରୀଯୁକ୍ତ ଖଟେଇ ପ୍ରକାଶ କରିଥିଲେ । ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ସେବାପକ୍ଷ ଉପରେ କାର୍ଯ୍ୟକର୍ତ୍ତା ଙ୍କୁ ମାର୍ଗଦର୍ଶନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, କାର୍ଯ୍ୟକ୍ରମ ର ସଂଯୋଜକ ସୁଦିପ ଗଡ଼ନାୟକ, ସହ ସଂଯୋଜକ ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ବସନ୍ତ ମଞ୍ଜରୀ ପ୍ରଧାନ ଓ ଗୋପବନ୍ଧୁ ଗଡ଼ନାୟକ ପ୍ରମୁଖ କର୍ମଶାଳା ରେ ନିଜର ବିଷୟ ଉପସ୍ଥାପନା କରିଥିଲେ ।ସମସ୍ତ ମଣ୍ଡଳ ସଭାପତି, ଜିଲ୍ଲା ପଦାଧିକାରୀ, ମଣ୍ଡଳ ର ଟୋଲୀ ତଥା ଶତାଧିକ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୫।୯:(ମନ୍ଥନ)କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ବିରସ୍ୱତୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କାକୁଲି ମଲ୍ଲିକ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି । ଏଥିନିମନ୍ତେ ବିଦ୍ୟାଳୟରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ କୁମାରୀ ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ,ଶିକ୍ଷୟିତ୍ରୀମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିଶ୍ୱାଳ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରୀମତୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

# ପ୍ରଶାନ୍ତ ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି

ଗୋପ,୫।୯:(ମନ୍ଥନ)ଗୋପ ମାଟିର ଦର୍ପଣ, ତଥା ଗୋପ ଅଞ୍ଚଳରେ ବିଜେପିର ପ୍ରତିଷ୍ଠାତା ସଭାପତି ,ଜଣେ ପ୍ରତିଷ୍ଠିତ ଶିକ୍ଷାବିଦ, ମାଟିପ୍ରେମୀ ଦୂରଦର୍ଶୀ, ସାହିତ୍ୟିକ ଓ ଇତିହାସକାର-ପରାଧୀନ ଭାରତରୁ ସ୍ୱାଧୀନ ଏବଂ ଆଧୁନିକ ଭାରତର ମୁକ ସାକ୍ଷୀ, ମୋ ବୋଉଙ୍କ ସ୍କୁଲ ଶିକ୍ଷକ ସତ୍ୟପ୍ରିୟ ନାୟକ ବର୍ତ୍ତମାନ ଆମ ମଧ୍ୟରେ ନାହାନ୍ତି । ସିଏ ୧୯୩୬ ମସିହା ମାର୍ଚ୍ଚ ମାସ ୪ ତାରିଖ ରେ ଗୋପ ର ବନପ୍ରଭା ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ । ଗୋପ ନିଗମାନନ୍ଦ ହାଇସ୍କୁଲରେ ଶିକ୍ଷା ଅଧ୍ୟୟନ କରିଥିଲେ । ପିତା ନବଘନ ନାୟକ ଓ ମାତା ମାଳତୀ ଦେବୀଙ୍କ ସୁଯୋଗ୍ୟ ସନ୍ତାନ ଥିଲେ ସତ୍ୟପ୍ରିୟ ନାୟକ । ବୟସର ଅପରାହ୍ନରେ ବି ସମସ୍ତ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ଆଜି ପବିତ୍ର ଗୁରୁଦିବସରେ ତାଙ୍କର ବିୟୋଗରେ ସମଗ୍ର ଗୋପ ଅଞ୍ଚଳ ବାସୀ ଗଭୀର ଭାବେ ମର୍ମାହତ ।ଏହି ଅପୂରଣୀୟ କ୍ଷତିକୁ ଆସନ୍ନ ଭବିଷ୍ୟତରେ ପୂରଣ କରିବା ସମ୍ଭବ ନୁହେଁୟ ଗୁରୁଦିବସ ଭଳି ପବିତ୍ର ଦିନରେ ତାଙ୍କର ଦେହାନ୍ତ ନିଶ୍ଚୟ ଅବିସ୍ମରଣୀୟ । ଏହି କଷ୍ଟକର ସମୟରେ, ତାଙ୍କୁ ଭଲପାଉଥିବା ସାଥି, ପ୍ରିୟଜନ ଓ ଅଗଣିତ ଶିଷ୍ୟ-ଶିଷ୍ୟାଙ୍କୁ ପ୍ରଭୁ ଜଗନ୍ନାଥ ଧର୍ଯ୍ୟ ଓ ଶକ୍ତି ଦିଅନ୍ତୁୟଶୋକସନ୍ତପ୍ତ ପରିବାରଙ୍କୁ ମଧ ପ୍ରଭୁଙ୍କ କୃପା ଧର୍ଯ୍ୟଦାୟୀ ହେଉ । ବୋଲି ଶେଷ ଦର୍ଶନ ସମୟରେ ଓଡ଼ିଶା ବିଜେପିର କୃଷକ ମୋର୍ଚ୍ଚା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ଭାବ ବିହ୍ୱଳ ହୋଇ ଆମ ପ୍ରତିନିଧିଙ୍କୁ କହିଛନ୍ତି ।

# ବୁଗୁଡ଼ାରେ ଅପରେସନ୍ 'ପ୍ରହାର', ବ୍ୟାପକ ପରିମାଣରେ ନିଶା ଦ୍ରବ୍ୟ ଜବତ

ବୁଗୁଡା,୫।୯:(ମନ୍ଥନ) ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଦୂରତା ପର୍ଯ୍ୟନ୍ତ ସିଗାରେଟ୍, ଗୁଟଖା, ପାନ ମସଲା ଭଳି ନିକୋଟିନ୍ ଯୁକ୍ତ ଦ୍ରବ୍ୟ ବିକ୍ରି କରିବା ଆଇନାନୁଯାୟୀ ନିଷିଦ୍ଧ କରାଯାଇଛି । ରାଜ୍ୟ ପୋଲିସ୍ ବିଭାଗ ପକ୍ଷରୁ ଅପରେସନ' 'ପ୍ରହାର' ଜରିଆରେ ଏହି ଆଇନର କଡାକଡି ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ଦିନ ବୁଗୁଡା ପୋଲିସ ପକ୍ଷରୁ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଦୂରତାରେ ଦୋକାନ ଖୋଲି ସିଗାରେଟ୍,ବିଡି, ଗୁଟଖା, ପାନମସଲା ବିକ୍ରି କରୁଥିବା ଦୋକାନ ଗୁଡିକ ଉପରେ ଅତର୍କିତ ଚଢ଼ାଉ କରାଯାଇଛି । ଉକ୍ତ ଦୋକାନ ଗୁଡିକରୁ ବିପୁଳ ପରିମାଣର ଗୁଟଖା, ସିଗାରେଟ୍, ବିଡି, ପାନ ମସଲା ସମେତ ନିକୋଟିନ୍ ଯୁକ୍ତ ସାମଗ୍ରୀ ଜବତ କରାଯିବା ସହ ୨ଟି ଦୋକାନୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ବୁଗୁଡା ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଅଜିତ କୁମାର ପରିଡା ଓ ବିନାୟକ ବିଧାର, ଏଏସଆଇ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉକ୍ତ ଚଢାଉରେ ସାମିଲ ଥିଲେ । ପନ୍ଦର ଦିନ ବ୍ୟାପି ହେବାକୁ ଥିବା ଏହି ଚଢାଉ କାର୍ଯ୍ୟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଥାନା ଇଲାକାରେ ଥିବା ଶିକ୍ଷାନୁଷ୍ଠାନ ନିକଟରେ ଥିବା ଦୋକାନରେ କରାଯିବ ପୋଲିସ ସୂତ୍ରରୁ ଜଣାଯାଇଛି।

# ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ଉତ୍ସବ ଅନୁଷ୍ଠିତ

ଯାଜପୁର,୫।୯:(ମନ୍ଥନ)ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଯାଜପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ମହାଲିକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉକ୍ତ ସମରହୋରେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାହୁ କହିଲେ ଆଜିର ଦିନଟି ଆମ ପାଇଁ ଅତ୍ୟନ୍ତ ଗୌରବ ଓ ଗର୍ବର ଦିନ। ଶିକ୍ଷକ ଦିବସରେ, ଆମେ ସେହି ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍ମରଣ କରୁଛୁ ଯେଉଁମାନେ ନିଜର ଜ୍ଞାନ, ପରିଶ୍ରମ ଓ ତ୍ୟାଗରେ ସମାଜର ଭବିଷ୍ୟତ୍ ଗଢ଼ିତୋଲୁଛନ୍ତି। । ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକ ପଢ଼ାନ୍ତି ନାହିଁ, ସେମାନେ ଚରିତ୍ର, ସଦଗୁଣ, ନୀତି ଓ ଜୀବନମୂଲ୍ୟ ଦେଇ ମନୁଷ୍ୟଙ୍କୁ ସଠିକ୍ ପଥରେ ନେଇଯାନ୍ତି। ଆଜି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫ ଦ୍ୱାରା କୃତୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଛି। ଏହି ସମ୍ମାନ କେବଳ ବ୍ୟକ୍ତିଗତ ସଫଳତାର ପ୍ରତୀକ ନୁହେଁ, ଏହା ଶିକ୍ଷା ପ୍ରତି ଆମର ସମ୍ପୃକ୍ତି, ସମର୍ପଣ ଓ ପ୍ରେମର ପ୍ରତିକ। ମୁଁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷକ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ, ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ନବ ଉଦ୍ୟମ ଓ ପ୍ରେରଣାର ଶୁଭେଚ୍ଛା ଜଣାଉଛି।ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ସୁରମା ମହାପାତ୍ର, ସବିତା ସାହୁ, ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ନିବେଦିତା ଗୁରୁ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ସୁକିନ୍ଦା, ଦାନଗଦି ଓ କୋରେଇର ମଣ୍ଡଳ ଶିକ୍ଷାଧିକାରୀମାନେ ଯୋଗ ଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କୁ ମନେପକାଇବା ସହ ଗୁରୁ ଦିବସର ମାହାତ୍ମ୍ୟ ସମ୍ପର୍କରେ ମତବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଜିଲ୍ଲାର ୪୫ ଜଣ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାରପ୍ରାପ୍ତ ଶିକ୍ଷକଶିକ୍ଷୟତ୍ରୀମାନେ ଏହା ସେମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ।ଶେଷରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଧନ୍ୟବାଦ ଅର୍ପଣ କରଥିଲେ। ମୋ ସ୍କୁଲ କୋଅଡିନେଟର ରାଜେନ୍ଦ୍ର କୁମାର ଶତପଥୀ ଓ ଦିବ୍ୟାଲୋଚନ ମହାପାତ୍ର ଏହି ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରାଇଥିଲେ। ସୁଧୀର ସାମଲ, ଚିନ୍ମୟ ରଥ, ଶିବବ୍ରତ ପାଣି, ସତ୍ୟବ୍ରତ ପାଣି, ଜ୍ୟୋତିରଞ୍ଜନ ସାମଲ, ଶ୍ରୀଧର ସ୍ୱାଇଁ, ପ୍ରିୟମ୍ବଦା ମିଶ୍ର, ଅରୁଣ କୁମାର ସାହୁ, ସୁଧୀର ରଞ୍ଜନ ଦାସ, ରମା ସେଠି, ବିଶ୍ୱରଂଜନ ଅଧିକାରୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଏବଂ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।



# ଗୁରୁ ଦିବସରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ



ଧାମରା,୫।୯ (ନି.ପ୍ର) : ଆଦାନୀ ଧାମରା ପୋର୍ଟର ସିଏସଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ପକ୍ଷରୁ କୁଆଁମରାସ୍ଥିତ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରଠାରେ ଶିକ୍ଷକ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲାର ୧୦ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଜୀବନବ୍ୟାପୀ ଅବଦାନ ପାଇଁ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସମ୍ମାନିତ ହୋଇଥିବା ଶିକ୍ଷକମାନେ ହେଲେ ଶ୍ରୀମତୀ ବିଜୟିନୀ ମହାରାଣା, ଶ୍ରୀମତୀ ଅନୁଲତା ନାୟକ, ଶ୍ରୀ ମନ୍ମଥ କୁମାର ରାଉତ, ଶ୍ରୀ ଶୈଳେନ୍ଦ୍ର ନାରାୟଣ ପାଟିଲ, ଶ୍ରୀ କିଶୋର ଚନ୍ଦ୍ର ବାରିକ, ଶ୍ରୀ ଅଜୟ କୁମାର ନାୟକ, ଶ୍ରୀ ତରୁଣ କୁମାର ଦାସ, ଶ୍ରୀ ଶିବ ପ୍ରସାଦ ରାଉତ, ଶ୍ରୀ ରବି କୁମାର ଦାସ ଏବଂ ଶ୍ରୀ ବେଣିମାଧବ ମାଇତି ।

ପ୍ରତ୍ୟେକ ଯୁବ ମନକୁ ଦିଗ୍‌ଦର୍ଶନ ଦେବା ଏବଂ ଭବିଷ୍ୟତର ନାଗରିକ ଗଠନ କରିବାରେ ଏହି ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏହି ଶିକ୍ଷକମାନଙ୍କ ମଧ୍ୟରୁ ଅନେକ ରାଜ୍ୟ ଏବଂ ଜାତୀୟ ସ୍ତରରେ ସେମାନଙ୍କର ଉତ୍ସର୍ଗୀକୃତତା ଏବଂ ସେବା ପାଇଁ ସ୍ୱିକୃତୀ ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଦୋସିଙ୍ଗା ଏବଂ ପାଇକସାହି କ୍ଲଷ୍ଟରର ସିଆରସିସି ରଞ୍ଜିତ ଜେନା, କରଞ୍ଜମାଳ ଓ କୁଆଁମରା କ୍ଲଷ୍ଟରର ସିଆରସିସି ତ୍ରିଲୋଚନ ଦାସଙ୍କ ସମେତ ନିକଟସ୍ଥ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଗୋଷ୍ଠୀ ଉନ୍ନୟନ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଧାମରା ପୋର୍ଟ ସିଇଓ ଶ୍ରୀ ଦେବେନ୍ଦ୍ର ଠକର ରାଷ୍ଟ୍ର ନିର୍ମାତା ଭାବେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଏହି ଅଞ୍ଚଳରେ ଶିକ୍ଷା ଏବଂ ଗୋଷ୍ଠୀଗତ ବିକାଶକୁ ସମର୍ଥନ କରିବା ପାଇଁ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଥିଲେ ।

# ଇଫକୋ ପକ୍ଷରୁ ଅନସାଇଟ୍ ଆପାତକାଳୀନ ମକ୍ ଡ୍ରିଲ୍ ଆୟୋଜିତ

ପାରାଦୀପ,୩।୯ (ନି.ପ୍ର) : ପାରାଦୀପ ଉପକଣ୍ଠରେ ଥିବା ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ସବୁବେଳେ ପରିବେଶ ସୁରକ୍ଷା, ସାଧାରଣ ଲୋକଙ୍କୁ ଆପାଦକାଳୀନ ସହାୟତା, କାରଖାନାର ସୁରକ୍ଷାକୁ ଗୁରୁତ୍ୱ ଦେଇ ଆସିଛି । ବିଭିନ୍ନ ସମୟରେ ଇଫକୋ ତାର କାରଖାନାର ସଠିକ୍ ମରାମତି କରିଥାଏ । ତାହାର ସଠିକ୍ ପରୀକ୍ଷା ନିରୀକ୍ଷା ମଧ୍ୟ କରିଥାଏ । କାରଖାନାରେ ରାସାୟନିକ ପଦାର୍ଥ ସାର ଉତ୍ପାଦନରେ ବ୍ୟବହୃତ ହୋଇଥାଏ ଏହା ଲିକ୍ ହେବାର ସମ୍ଭାବନା ଦେଖାଇଥାଏ । ଏହିକ୍ରମରେ ଗୁରୁବାର ଦିନ ଇଫକୋ ୟୁନିଟ୍ ପକ୍ଷରୁ ଆପାତକାଳୀନ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା । କାରାଖାନାରୁ ଯଦି କେତେବେଳେ ଆମୋନିଆ ଗ୍ୟାସ ଲିକ୍ ହୁଏ ଏହାକୁ କିପରି ତୁରନ୍ତ ପ୍ରତିରୋଧ



କରାଯାଇ ପାରିବ ସେ ସମ୍ପର୍କରେ ମକ୍‌ଡ୍ରିଲ୍‌ରେ ପ୍ରଦର୍ଶିତ ହୋଇଥିଲା । ଗୁରୁବାଦ ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଇଫକୋ ଦ୍ୱାରା ଅନୁଷ୍ଠିତ ମକ୍‌ଡ୍ରିଲକୁ ଉଚ୍ଚପ୍ରଶଂସା କରିଥିଲେ । ବାତ୍ୟା ହେଉ କିମ୍ବା ସୁନାମି ଏହା ଦାଉରୁ କିପରି ଜନସାଧାରଣଙ୍କୁ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଡ ଡାଇରେକ୍ଟର (ଏଫଆଣ୍ଡବି) ସି.ଏସ.ବେହେରା, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀ ପି.ସି.ବେହେରା ଯୋଗ ଦେଇଥିଲେ । ଇଫକୋର ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଆପାତ୍କାଳୀନ ବିପର୍ଯ୍ୟୟ ସମୟରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଯେହେତୁ ପାରାଦୀପ ଏକ ଶିଳ୍ପସହର ଏହାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ସମୟରେ ସମସ୍ତେ ଏକ ହେଲେ ଜନଜୀବନର ସୁରକ୍ଷା ହୋଇ ପରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ଏଏସପି, ଏନଡିଆରଏଫ, ସିଆଇଏସଏଫ, ତଟରକ୍ଷୀ ବାହିନୀ, ଓଡିଶା ଅଗ୍ନିଶମ ବାହିନୀ ସମେତ ବହୁ ସରକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଫିଟ୍ ଇଣ୍ଡିଆ ସାଇକେଲିଂ ଅଭିଯାନ ଆୟୋଜନ କରିବ 'ସାଇକେଲ୍ ଉପରେ ରବିବାର'

ଭୁବନେଶ୍ୱର/ଖୋର୍ଦ୍ଧା ରୋଡ୍,୫।୯ (ନି.ପ୍ର) : ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ସହିତ ସମନ୍ୱୟ ରଖି ଭାରତୀୟ ରେଳବାଇର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ 'ସାଇକେଲ୍ ଉପରେ ରବିବାର' ବା ସଣ୍ଡେ ଅନ ସାଇକେଲ୍ ବ୍ୟାନରରେ ଏକ ସ୍ୱତନ୍ତ୍ର ସାଇକ୍ଲୋଥନ୍-୨୦୨୫ ଆୟୋଜନ କରୁଛି । ଏହି ପ୍ରୟାସର ଲକ୍ଷ୍ୟ ହେଉଛି ରେଳ କର୍ମଚାରୀ ଏବଂ ସମାଜ ମଧ୍ୟରେ




ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ବ୍ୟାପକ ଭାବେ ପ୍ରୟାସ କରିବା । ଏହି କାର୍ଯ୍ୟକ୍ରମ ଆସନ୍ତା ରବିବାର, ୭ ସେପ୍ଟେମ୍ବର ୨୦୨୫ ପାଇଁ ସ୍ଥିର କରାଯାଇଛି ଏବଂ ଏହା ସକାଳ ୭ଘ.୩୦ମି.ରେ ରେଳବାଇ ଷ୍ଟାଡିୟମରୁ ଆରମ୍ଭ ହୋଇ ଅରଗୁଳ ସ୍ଥିତ ଆଇଆଇଟି ଭୁବନେଶ୍ୱରର ପ୍ରବେଶ ଫାଟକ ପର୍ଯ୍ୟନ୍ତ ଯାଇ ୧୦ କିଲୋମିଟର ଦୂରତା ଅତିକ୍ରମ କରି ପୁନର୍ବାର ଫେରିବ । 'ଫିଟନେସ୍ କି ଡୋଜ୍, ଆଧା ଘଣ୍ଟା ରୋଜ୍' ଅଭିଯାନ ସ୍ଲୋଗାନ୍ ଅଧୀନରେ ଆୟୋଜିତ ଫିଟ୍ ଇଣ୍ଡିଆ ଆନ୍ଦୋଳନ କାର୍ଯ୍ୟକ୍ରମ ନିୟମିତ ଶାରୀରିକ କାର୍ଯ୍ୟକଳାପକୁ ଆମ ଦିନଚର୍ଯ୍ୟାରେ ସାମିଲ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଏହାକୁ କ୍ରମାଗତ ଭାବେ ଅଭ୍ୟାସ କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ସାଇକେଲିଂ ଏକ ସରଳ କିନ୍ତୁ ଶକ୍ତିଶାଳୀ ବ୍ୟାୟାମ ଅଟେ ଯାହା ହୃଦ୍ ?ରୋଗ ସୁସ୍ଥତା ବୃଦ୍ଧି, ଉନ୍ନତ ଆସନ ଏବଂ ସମନ୍ୱୟ, ମାଂସପେଶୀ ଶକ୍ତି ଏବଂ ନମନୀୟତା ବୃଦ୍ଧି, ହାଡ଼ ଏବଂ ସନ୍ଧି ଗତିଶୀଳତାକୁ ସୁଦୃଢ଼ କରିବା, ଶରୀରର ଚର୍ବି ଏବଂ ଚାପ ସ୍ତର ହ୍ରାସ ଏବଂ ଜୀବନଶୈଳୀ ରୋଗର ପ୍ରତିରୋଧ ଏବଂ ପରିଚାଳନା ଭଳି ବହୁବିଧ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିଥାଏ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସମସ୍ତ ଶାଖା ଅଧିକାରୀ, କର୍ମଚାରୀ ଏବଂ କ୍ରୀଡାବିତ ଓ କ୍ରୀଡା କର୍ମଚାରୀମାନଙ୍କୁ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରାଯାଉଛି । ସମସ୍ତ ନିକଟବର୍ତ୍ତୀ ଷ୍ଟେସନରେ ରେଳ କର୍ମଚାରୀମାନଙ୍କୁ ସେମାନଙ୍କ ପରିବାର ସହିତ ଏହି ସ୍ୱାସ୍ଥ୍ୟ ପଦକ୍ଷେପରେ ଯୋଗଦେବା ଏବଂ ଏହି ଅଭିଯାନକୁ ସମର୍ଥନ କରିବା ପାଇଁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ବିଶେଷ ପ୍ରୟାସ କରାଯାଉଛି । 'ସଣ୍ଡେଜ୍ ଅନ୍ ସାଇକେଲ' କାର୍ଯ୍ୟକ୍ରମ କେବଳ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଭାରତୀୟ ରେଳବାଇର ସ୍ଥାୟୀତ୍ୱ ଏବଂ ସାମୁଦାୟିକ କଲ୍ୟାଣର ବ୍ୟାପକ ଲକ୍ଷ୍ୟ ସହିତ ସମନ୍ୱୟ ରଖି ପରିବେଶଗତ ଚେତନାର ଏକ ଦୃଢ଼ ବାର୍ତ୍ତା ମଧ୍ୟ ଦେଇଥାଏ । ଏହି ଆନ୍ଦୋଳନରେ ଯୋଗଦାନ କରନ୍ତୁ । ଫିଟନେସ୍ ପାଇଁ ପେଡାଲ୍ । ପରିବେଶ ପାଇଁ ଯାତ୍ରା କରନ୍ତୁ ।

# ମହିନ୍ଦ୍ରା କନଷ୍ଟ୍ରକ୍ସନ ଇକ୍ୱିପମେଂଟ ପକ୍ଷରୁ ଅତ୍ୟାଧୁନିକ ସିଇଭି-ଭି ରେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର,୫।୯ : ମହିନ୍ଦ୍ରା ଗ୍ରୁପର ଏକ ଅଂଶବିଶେଷ ମହିନ୍ଦ୍ରା କନଷ୍ଟ୍ରକ୍ସନ ଇକ୍ୱିପେମଂଟ ଡିଭିଜନ (ଏମସିଇ) ପକ୍ଷରୁ ଏହାର ଆଡ୍‌ଭାନ୍ସଡ ସିଇଭି-ଭି ମେସିନ ରେଞ୍ଜର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ରେଞ୍ଜ ଆଡଭାନ୍ସଡ ଫିଚର, ଅଧିକ ଆରାମ, ଉଚ୍ଚ ଉତ୍ପାଦକତା ଓ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ସହିତ ନୂଆ ଶିଳ୍ପ ନିୟମାବଳୀ ର ଅନୁପାଳନ ନିଶ୍ଚିତ କରୁଛି । ଏହି ଲଂଚ ଇଭେଂଟ ଭୁବନେଶ୍ୱରରେ ଶ୍ରୀନିକା ଡିଏମ ସିଗ୍ନେଚରଠାରେ ସେପ୍ଟେମ୍ବର ୫ ତାରିଖ ୨୦୨୫ରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଏମସିଇର କଷ୍ଟମର କେୟାର ବିଭାଗର ମୁଖ୍ୟ ରାଜେନ୍ଦ୍ର ଆଷ୍ଟେକର, ବ୍ରାଣ୍ଡ ମ୍ୟାନେଜର କଲ୍ପକ କର, ଜେଡ୍‌ଏସଏମ କିଶୋର ତିୱାରୀ, ଜେଡ୍‌ସିଏମ ସନ୍ଦିପ ଘୋଷ, ସିସିଏମ ସୁବ୍ରତ ସ୍ୱାଇଁ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିଃର କନଷ୍ଟ୍ରକ୍ସନ ଇକ୍ୱିପମେଂଟ ବିଭାଗର



ବିଡିଏମ ସୁଧାଂଶୁ ନାୟକ ଏବଂ ଟିଆରଏସ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ଦେବଦତ ରୟ ଆଦି ସାମିଲ ଥିଲେ ।

ଏହି ଅବସରରେ କଷ୍ଟମର କେୟାର ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ରାଜେନ୍ଦ୍ର ଆଷ୍ଟେକର ଓ ବ୍ରାଣ୍ଡ ମ୍ୟାନେଜର ଶ୍ରୀଯୁକ୍ତ କଲ୍ପକ କର କହିଛନ୍ତି, "ଅତ୍ୟାଧୁନିକ ଉତ୍ପାଦ ଓ ଟେକ୍ନୋଲୋଜିର ଶୁଭାରମ୍ଭ କରିବା ପ୍ରତି ଆମର ନିରନ୍ତର ପ୍ରୟାସ, ସ୍ଥାନୀୟ ଉତ୍ପାଦନ ଉପରେ ଗୁରୁତ୍ୱ ସହ ସମନ୍ୱିତ ରହିଛି ଯାହା ମେକ୍ ଇନ ଇଣ୍ଡିଆ ଅଭିଯାନ ପାଇଁ ମହିନ୍ଦ୍ରାର ଦୃଢ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ନୂଆ ସିଇଭି-ଭି ରେଞ୍ଜର ନିର୍ମାଣ ଉପକରଣର ଶୁଭାରମ୍ଭ, ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସ୍ଥାୟିତ୍ୱ ଲକ୍ଷ୍ୟ ଦିଗରେ ମହିନ୍ଦ୍ରାର ପ୍ରୟାସଗୁଡିକୁ ସୁଦୃଢ କରିଛି ।"

ନୂଆ ଅପ୍‌ଗ୍ରେଡେଡ ସିଇଭି-ଭି ରେଞ୍ଜର ମହିନ୍ଦ୍ରା ଅର୍ଥମାଷ୍ଟର ଏସଏକ୍ସ ବ୍ୟାକ୍‌ହୋ ଲୋଡର ଓ ମହିନ୍ଦ୍ରା ରୋଡମାଷ୍ଟରଜି୧୦୦ ଗ୍ରେଡର୍‌ରେ ସିଇଭି-ଭି ନିର୍ଗମନ ମାନଦଣ୍ଡକୁ ପୂରଣ କରୁଥିବା ଏକ ଅତ୍ୟଧିକ ଶକ୍ତିଶାଳୀ ଇଞ୍ଜିନ ରହିଛି । ଅଧିକ ଶକ୍ତିଶାଳୀ ମୋଟର ଗ୍ରେଡର ରୋଡମାଷ୍ଟର ଜି୧୦୦କୁ ଆଗାମୀ ସିଇଭି-ଭି ନିର୍ଗମନ ମାନଦଣ୍ଡକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି । ଏହାର ୧୦୨ ଏଚପି ଇଞ୍ଜିନ ଓ ୪୪୦ ଏନଏମ ଟର୍କ ଏହାକୁ ବିଶେଷ କରି ରାଜ୍ୟ ଓ ଜାତୀୟ ରାଜପଥଗୁଡିକର ସଡକ ନିର୍ମାଣ ପାଇଁ ଏକ ଚମତ୍କାର ଗ୍ରେଡରରେ ପରିଣତ କରୁଛି । ନୂଆ ଅର୍ଥମାଷ୍ଟର ଏସ୍‌ଏକ୍ସ, ସିଇଭି-ଭି ନିର୍ଗମନ ନିୟମାବଳୀଗୁଡିକର ପାଳନ କରୁଛି । ଏହା ଏକ ୭୪ ଏଚପି ଇଞ୍ଜିନ, ଏକ ନୂଆ ବୃହତ ଓ ଅଧିକ ଆରାମଦାୟକ କ୍ୟାବିନ ଏବଂ ଆଇମ୍ୟାକ୍ସ ଟେଲିମାଟିକ୍ସ ଟେକ୍ନୋଲୋଜି ସହିତ ଏକ ବହୁମୁଖୀ ବ୍ୟାକହୋ ଲୋଡର ଅଟେ ଯାହା ଉନ୍ନତ ପ୍ରଦର୍ଶନ ଓ ଦକ୍ଷତା ସୁନିଶ୍ଚିତ କରିଥାଏ ।

# ଉତ୍ସବ ଋତୁ ପାଇଁ ଆମାଜନ୍ ଫ୍ୟାସନର ଶ୍ରେଷ୍ଠ ଫେଷ୍ଟିଭ ଟ୍ରେଣ୍ଡ

ଭୁବେନଶ୍ୱର,୫।୯ (ନି.ପ୍ର) : ଉତ୍ସବ ଋତୁ ଆରମ୍ଭ ହେବା ସହିତ ଆମାଜନ ଫ୍ୟାଶନ୍ ବିଶ୍ୱସ୍ତରୀୟ ଏବଂ ଘେରାଇ ବ୍ରାଣ୍ଡଗୁଡ଼ିକର ଏକ ବ୍ୟାପକ, ସଂଗୃହିତ ଚୟନ ନେଇଆସିଛି, ଯାହା ସହିତ ଉତମ ମୂଲ୍ୟ, ବିଶ୍ୱସ୍ତ ସୁବିଧା ଏବଂ ଦ୍ରୁତ ବିତରଣ ମଧ୍ୟ ରହିଛି । ଗେସ ଏବଂ ଲାଭି ଲକ୍ସ ରୁ ମିନି ହ୍ୟାଣ୍ଡବ୍ୟାଗ୍, ସେଇେକା ଏବଂ କାଲଭିନ୍ କ୍ଲେନ ରୁ ଗୋଲ୍‌ଡ଼୍‌-ଟୋନ୍ ଘଂଟା, ସ୍ୱେରାଭସ୍କି, କ୍ୟାରେଟେଲନ୍ ଏବଂ ଜିଭା ରୁ ଚମକଦାର ଅଳଙ୍କାର, ସ୍କେଚର୍ସ ଏବଂ କନଭର୍ସରୁ ଷ୍ଟ୍ରାପି ହିଲ୍ସ, ଏବଂ ସାମେସୋନାଇଟ୍, ମୋକୋବାରା ଏବଂ ସ୍ୱିସ୍ ମିଲିଟାରି ରୁ ସ୍ଲିକ୍, ଟ୍ରାକେବଲ୍ ଲେଗଜ୍ ବିକଳ୍ପଗୁଡ଼ିକ ଉପଲବ୍ଧ ରହିଛି ଯେଉଁଥିରୁ ପ୍ରେତ୍ୟକ ଉତ୍ସବ ମୁହୂର୍ତ୍ତ ପାଇଁ ଏହି ଋତୁର ଶ୍ରେଷ୍ଠ ପସନ୍ଦଗୁଡ଼ିକୁ ଅନ୍ୱେଷଣ କରିପାରିବେ ।

ଏହି ସମ୍ପର୍କରେ ଆମାଜନ ଫ୍ୟାଶନ୍ ଏବଂ ବ୍ୟୁଟିର ଡାଇରେକ୍ଟର ସିଦ୍ଧାର୍ଥ ଭଗତ କହିଛନ୍ତି, "ଏହି ଉତ୍ସବ ଋତୁରେ, ଆମେ ସ୍ୱାରୋଭସ୍କି, ନ୍ୟୁ ବାଲାନ୍ସ, ଗେସ ଏବଂ କ୍ୟାରାଟେଲନ୍ ଭଳି ବ୍ରାଣ୍ଡ ଦ୍ୱାରା ପରିଚାଳିତ ନୀରବ-ବିଳାସପୂର୍ଣ୍ଣ ଫୁଟେୱେୟାର, ଷ୍ଟେଟେମେଂଟ ଅଳଙ୍କାର ଏବଂ ଆସେସୋରିଜ୍ ସମେତ ସ୍ମାର୍ଟ, ଅଧିକ ପ୍ରିମିୟମ୍ ପସନ୍ଦ ପ୍ରତି ଏକ ଦୃଢ଼ ପରିବର୍ତ୍ତନ ଦେଖୁଛୁ, ଯାହା ଏହି ଉତ୍ସବ ଗତିକୁ ଆଗକୁ ବଢ଼ାଉଛି । ଆମାଜନ୍ ଫ୍ୟାସନ ରେ, ଆମେ ନୂତନତ୍ୱ ପ୍ରତି ପ୍ରତିବଦ୍ଧ ଏବଂ ବ୍ରାଣ୍ଡ-ନିର୍ଦ୍ଦିଷ୍ଟ ଆକାର ଚାର୍ଟ, ଷ୍ଟାଇଲ୍ ସ୍ନାପ୍ (ଏକ ପ୍ରତିଛବି-ଆଧାରିତ ସନ୍ଧାନ ଉପକରଣ), ଏବଂ 'ଏହା ସହିତ ପିନ୍ଧନ୍ତୁ' ପରାମର୍ଶ ଭଳି ବୈଶିଷ୍ଟ୍ୟଗୁଡ଼ିକ ସହିତ ସପିଂ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ବିନିଯୋଗ କରିବା ପାଇଁ ପ୍ରତିବଦ୍ଧ ଯାହାକୁ କ୍ୟୁରେଟେଡ୍, ବ୍ୟକ୍ତିଗତ ସୁପାରିଶ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି ।'' ଏହି ଷ୍ଟାଇଲ୍‌ଗୁଡ଼ିକୁ ଆପଣଙ୍କ ଦ୍ୱାର ପାଖେର ଦ୍ରୁତ ଏବଂ ନିର୍ଭର୍ଯୋଗ୍ୟ ଡେଲିଭରୀ ସହିତ ପାଇପାରିବେ । ଗ୍ରାହକମାନେ ଆମାଜନ୍ ପେ ସହିତ ଅତିରିକ୍ତ ସଂଚୟ ମଧ୍ୟ ଉପେଭାଗ କରିପାରିବେ, ଏବଂ ପ୍ରାଇମ୍ ସଦସ୍ୟମାନେ ଅସୀମିତ ମାଗଣା ଡେଲିଭରୀ ଏବଂ ଦ୍ରୁତ ଦ୍ୱାର ସେବା ପାଇପାରିବେ, ଯାହା ପ୍ରେତ୍ୟକ ଉତ୍ସବ କ୍ରୟକୁ ସ୍ମାର୍ଟ, ଷ୍ଟାଇଲିସ୍ ଏବଂ ଅଧିକ ପୁରସ୍କାରପ୍ରାପ୍ତ କରିଥାଏ ।'

# ୫୦ କୋଟି ଗ୍ରାହକ ହାସଲ ସହ ଦଶମ ବର୍ଷରେ ପାଦ ଥାପିଲା ରିଲାଏନ୍ସ ଜିଓ, ସେଲିବ୍ରେସନ୍ ପ୍ଲାନ୍ ଘୋଷଣା

ଭୁବନେଶ୍ୱର,୫।୯ (ନି.ପ୍ର) : ରିଲାଏନ୍ସ ଜିଓ ୫ ସେପ୍ଟେମ୍ବରରେ ଏହାର ସେବା ଶୁଭାରମ୍ଭର ୧୦ମ ବର୍ଷରେ ପ୍ରବେଶ କରିବ । ୯ ବର୍ଷ ପୂରଣ ଅବସରରେ, ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ ୫୦ କୋଟି ଜିଓ ଉପଭୋକ୍ତାଙ୍କୁ ଏକ ଉପହାର ସ୍ୱରୂପ ଅନେକ ନୂତନ ଉତ୍ସବ ପ୍ଲାନ ଘୋଷଣା କରିଛନ୍ତି । ଏଥିରେ ଅସୀମିତ ମନୋରଞ୍ଜନ ରହିଥିବା ସପ୍ତାହାନ୍ତ ପ୍ଲାନ, ଏକ ମାସ ବ୍ୟାପୀ ସ୍ୱତନ୍ତ୍ର ଅଫର୍ ଏବଂ ଏକ ବର୍ଷ ବ୍ୟାପୀ ଅଫର ଅନ୍ତର୍ଭୁକ୍ତ ରହିଛି । ଜିଓ ସିମ୍ ବ୍ୟବହାର କରୁଥିବା ଉପଭୋକ୍ତାମାନଙ୍କ ପାଇଁ ତିନୋଟି ସେଲିବ୍ରେସନ ପ୍ଲାନ ଆରମ୍ଭ କରାଯାଇଛି । ବାର୍ଷିକୀ ସପ୍ତାହାନ୍ତ ଅଫର୍ ଅଧୀନରେ, ଜିଓ ୫ଜି ଉପଭୋକ୍ତାମାନେ ଅସୀମିତ ଡାଟା ପାଇବେ । ସେପ୍ଟେମ୍ବର ୫ ରୁ ୭




ମଧ୍ୟରେ, ଅର୍ଥାତ୍ ଆଗାମୀ ସପ୍ତାହାନ୍ତରେ, ଯେକୌଣସି ପ୍ଲାନରେ ରହିଥିବା ଜିଓ ୫ଜି ଉପଭୋକ୍ତାଙ୍କୁ ଅସୀମିତ ଡାଟା ଉପଲବ୍ଧ ହେବ । ଅନ୍ୟପକ୍ଷରେ, ସମସ୍ତ ୪ଜି ସ୍ମାର୍ଟଫୋନ୍ ଉପଭୋକ୍ତା ୩୯ ଟଙ୍କାର ଡାଟା ଆଡ-ଅନ୍ ବିକଳ୍ପ ବାଛି ପ୍ରତିଦିନ ୩ଜିବି ୪ଜି ଡାଟା ଉପଭୋଗ କରିପାରିବେ । ଦ୍ୱିତୀୟ ଅଫର୍ ହେଉଛି ମାସିକ ସେଲିବ୍ରେସନ୍ ପ୍ଲାନ୍ । ଏହା ୩୪୯ ଟଙ୍କାରୁ ଅଧିକ ମୂଲ୍ୟର ପ୍ଲାନ୍ ଥିବା ଗ୍ରାହକମାନଙ୍କ ପାଇଁ । ସେପ୍ଟେମ୍ବର ୫ ରୁ ଅକ୍ଟୋବର ୫ ମଧ୍ୟରେ ଦୈନିକ ୨ ଜିବି ଏବଂ ତା'ଠାରୁ ଅଧିକ ଦୀର୍ଘକାଳୀନ ପ୍ଲାନରେ ରହିଥିବା ଜିଓ ଉପଭୋକ୍ତାଙ୍କୁ ଅସୀମିତ ୫ଜି ଡାଟା ଉପଲବ୍ଧ ହେବ । ଏଥିସହିତ ଜିଓ ଫାଇନାନ୍ସ ଦ୍ୱାରା ଜିଓ ଗୋଲ୍ଡରେ ୨ ପ୍ରତିଶତ ଅତିରିକ୍ତ ଡିଜିଟାଲ୍ ସୁନା ଏବଂ ୩,୦୦୦ ଟଙ୍କା ମୂଲ୍ୟର ସେଲିବ୍ରେସନ୍ ଭାଉଚର ମଧ୍ୟ ଉପଲବ୍ଧ ହେବ । ଏହା ସାଙ୍ଗକୁ ଜିଓ ହଟଷ୍ଟାର ଏବଂ ଜିଓ ସାଭ୍ନ୍ ପ୍ରୋର ୧ ମାସର ସବସ୍କ୍ରିପସନ୍, ୩ ମାସର ଜୋମାଟୋ ଗୋଲ୍ଡ ଏବଂ ୬ ମାସର ନେଟମେଡ୍ସ ଫାଷ୍ଟ ସବସ୍କ୍ରିପସନ୍ ମଧ୍ୟ ଉପଲବ୍ଧ ହେବ । ଗ୍ରାହକମାନେ ଜିଓ ହୋମର ୨ ମାସର ମାଗଣା ଟ୍ରାଏଲ୍ ମଧ୍ୟ ପାଇପାରିବେ । ଏହି ସୁବିଧାଗୁଡ଼ିକ ସମସ୍ତ ପୋଷ୍ଟପେଡ୍ ଗ୍ରାହକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । ୩୪୯ ଟଙ୍କାରୁ କମ୍ ମୂଲ୍ୟର ପ୍ଲାନରେ ରହିଥିବା ଉପଭୋକ୍ତା ୧୦୦ ଟଙ୍କାର ଏକ ପ୍ୟାକ୍ ଯୋଡ଼ି ଏହି ଅଫରର ଲାଭ ପାଇପାରିବେ ।

ଜିଓ ସିମ୍ ବ୍ୟବହାରକାରୀଙ୍କ ପାଇଁ ତୃତୀୟ ଅଫର୍ ହେଉଛି ବାର୍ଷିକୀ ବର୍ଷ ପାଳନ, ଯେଉଁଥିରେ ଗ୍ରାହକଙ୍କୁ ଅଫର ସମୟ ମଧ୍ୟରେ ୧୨ଟି ମାସିକ ୩୪୯ ଟଙ୍କା ରିଚାର୍ଜ କରିବା ପରେ, ୧୩ତମ ମାସ ପାଇଁ ମାଗଣାରେ ସେବା ମିଳିବ । ଅର୍ଥାତ୍, ସେମାନେ ୧୨ ମାସ ଧରି ଯେଉଁ ସେବା ପାଉଥିଲେ, ୧୩ତମ ମାସରେ ସମାନ ସୁବିଧା ମାଗଣାରେ ଉପଲବ୍ଧ ହେବ ।

ଏହି ସଫଳତା ଉପରେ, ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି: "୫୦ କୋଟିରୁ ଅଧିକ ଭାରତୀୟ ଆମ ଉପରେ ସେମାନଙ୍କର ବିଶ୍ୱାସ ଦେଖାଇଛନ୍ତି । ଜିଓର ନବମ ବାର୍ଷିକୀରେ, ମୁଁ ଆପଣମାନଙ୍କ ସମସ୍ତଙ୍କ ପ୍ରତି ମୋର କୃତଜ୍ଞତା ପ୍ରକାଶ କରୁଛି । ଜିଓ ନିତିଦିନିଆ ଜୀବନର ଏକ ଅଂଶ ପାଲଟିଛି । ଏହା ଏକ ସକ୍ରିୟ ଡିଜିଟାଲ୍ ସମାଜ ଗଠନ ପାଇଁ କନେକ୍ଟିଭିଟି ବା ଯୋଗାଯୋଗ ସଂଯୋଗର ଶକ୍ତି ବ୍ୟବହାର କରୁଛି । ଏହି ସଫଳତାକୁ ସମ୍ଭବ କରିଥିବାରୁ ମୁଁ ପ୍ରତ୍ୟେକ ଜିଓ ବ୍ୟବହାରକାରୀଙ୍କୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଜଣାଉଛି । ଆମେ ଏକ ବାସ୍ତବ ଡିଜିଟାଲ୍ ଭାରତର ଲକ୍ଷ୍ୟକୁ ସାକାର କରିବୁ । ଏହି ସଫଳତା କେବଳ ଏକ ସଂଖ୍ୟା ନୁହେଁ; ଏହା ଲକ୍ଷ ଲକ୍ଷ ଲୋକଙ୍କ ସାମୂହିକ ଆକାଂକ୍ଷାକୁ ପ୍ରତିଫଳିତ କରେ ଯେଉଁମାନେ ଡିଜିଟାଲ୍ ଆନ୍ଦୋଳନରେ ଜିଓକୁ ସେମାନଙ୍କର ସହଭାଗୀ କରିଛନ୍ତି ।"

# ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ ମହାଆଡମ୍ବରରେ ଗୁରୁ ଦିବସ ପାଳନ

ଗଞ୍ଜାମ,୫।୯ (ନି.ପ୍ର) : ଗଞ୍ଜାମ ବ୍ଲକ ଅନ୍ତର୍ଗତ ନିପଟ ମଫସଲ ଗ୍ରାମ ତାରିଣୀ ପଲ୍ଲୀରେ ଗୁରୁଦିବସ ମହାଆଡମ୍ବର ସହିତ ପାଳନ କରାଯାଇଛି । ଏହି ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଗୁରୁ ଦିବସ ଓ ୱାଇ ଫର୍ ଭି ସମ୍ବର୍ଦ୍ଧନା ଉତ୍ସବରେ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ତୈଳ ଚିତ୍ର ସହ ତିରିଶି ବର୍ଷ ରୁ ଅଧିକ ସମୟଧରି ଶିକ୍ଷାଦାନ କରିଥିବା ସ୍ୱର୍ଗତ ଦ୍ୟୁତୀକୃଷ୍ଣ ମିଶ୍ରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପ୍ରାରମ୍ଭରେ ଗ୍ରାମର ଆରମ୍ଭରେ ଅତିଥି ମାନଙ୍କ



ଦ୍ୱାରା ଚାରା ରୋପଣ ହୋଇଥିଲା । ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ଡି ଦେବହରି ରେଡ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ସ୍ୱର୍ଗତ ମିଶ୍ରଙ୍କ କନିଷ୍ଠ ପୁତ୍ର ସାମ୍ବାଦିକ ତଥା ଆଇନଜୀବୀ ସିମାଞ୍ଚଳ ମିଶ୍ର, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଗଞ୍ଜାମ ପ୍ରେସ କ୍ଲବ୍ ସଭାପତି ଶବର ତରାଇ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ରାଇବାରିଆ ବେହେରା, ଗ୍ରାମ ସଭାପତି ଚୈତନ୍ୟ ରେଡ଼ି ମଞ୍ଚାସିନ ହୋଇଥିଲେ । ଦେଶ ସେବାରେ ନିୟୋଜିତ ଗ୍ରାମର ୨୧ ଜଣଙ୍କୁ ୱାଇ ଫର୍ ଭି ଦେଶ ସେବା ସମ୍ମାନ,୮ ଜଣ ବିଦ୍ୟାର୍ଥୀ ୱାଇ ଫର୍ ଭି ବିଦ୍ୟାର୍ଥୀ ସମ୍ମାନ ସହ ଏକ ହଜାର ଟଙ୍କା ଓ ଜଣଙ୍କୁ ୱାଇ ଫର୍ ଭି ଗ୍ରାମ ସେବା ସମ୍ମାନ ଓ ଦ୍ୟୁତୀକୃଷ୍ଣ ମିଶ୍ର ସ୍ମାରକୀ ଶିକ୍ଷାର୍ଥୀ ସମ୍ମାନ ସହ ପାଞ୍ଚ ହଜାର ଟଙ୍କା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷା କ୍ଷେତ୍ର ରେ ଅବଦାନ ପାଇଁ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ କାଳୁ ଚରଣ ଗୌଡ ଙ୍କୁ ସ୍ୱତନ୍ତ୍ର ଭାବେ ଦ୍ୟୁତୀକୃଷ୍ଣ ମିଶ୍ର ସ୍ମାରକୀ ଶ୍ରେଷ୍ଠ ଶିକ୍ଷକ ସମ୍ମାନ ୨୦୨୫ ରେ ସମ୍ବର୍ଦ୍ଧିତ କରାଯିବା ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗୁରୁ ପୂଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।

# ବାଳକୃଷ୍ଣ ପୁରରେ ଗୁରୁଙ୍କ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି ୫/୯ :ଆଜି ଗୁରୁ ଦିବସ ଉପଲକ୍ଷେକୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବାଳକୃଷ୍ଣ ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରିବା ସହିତ ଗୁରୁଙ୍କ ପାଇଁ ବିଦ୍ୟାଳୟର ମନ୍ତ୍ରୀ ମଣ୍ଡଳର ମୁଖ୍ୟମନ୍ତ୍ରୀ ଛାତ୍ରୀ ଜାଗୃତି ଗୌଡ଼ଙ୍କ ନେତୃତ୍ୱରେ ଗତ ବର୍ଷ ଭଳି ଏହି ବର୍ଷ ମଧ୍ୟ ' ଗୁରୁଙ୍କ ପାଇଁ ଗଛ ଟିଏ ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶଶିରେଖା ମଲ୍ଲିକ ଙ୍କ ତତ୍ତ୍ୱାବଧାନ ରେ ଏବଂ ଶିକ୍ଷକ ଟୁନା ଦୋରା , ରମେଶ ସେନାପତି , ରାମ ମୋହନ ପତି ଓ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ନାହାକ ଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୁପେ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ବୃକ୍ଷ ରୋପଣ ର ଉପକାରିତା ଉପରେ ଛାତ୍ରୀ ଛାତ୍ର ମାନଙ୍କୁ ସଚେତନ କରାଇବା ସହିତ ସମସ୍ତେ ଅତି କମ୍ ରେ ନିଜ ଜନ୍ମଦିନରେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ଉପଦେଶ ଦେଇଥିଲେ । ଏଥିରେ ପ୍ରାୟ ପଚାଶ ରୁ ଉର୍ଦ୍ଧ ଗଛ ବିଦ୍ୟାଳୟର ପରିସର ଓ ଗ୍ରାମରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା । ପ୍ରତି ବର୍ଷ ଗୁରୁ ଦିବସରେ ଏହି ପରି ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିବା ପାଇଁ ଛାତ୍ରୀ ଛାତ୍ର ମାନେ ଶପଥ ଗ୍ରହଣ କରିଥିଲେ ସଭଏଥିରେ ଜାଗୃତି ଗୌଡ଼, ସୁନେନା ଡାକୁଆ , ସ୍ୱାତୀ ପଟ୍ଟନାୟକ , ଅଙ୍କିତା ମହାରଣା , ରଶ୍ମିତା ଡାକୁଆ , ସୃଷ୍ଟିମୟୀ ଗୌଡ଼, ସନ୍ଧ୍ୟାରାଣୀ ଗୌଡ଼ , ରାଣୀ ଦାସ ଜ୍ୟୋତ୍ସ୍ନା ଗୌଡ଼ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ସମ୍ପାଦନା କରିଥିଲେ ।



# ୫୩ନଂ ୱାର୍ଡରେ ବରିଷ୍ଠ ନାଗରିକଙ୍କ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର



କଟକ, ୫।୯ (ନି.ପ୍ର) : ସ୍ଥାନୀୟ ୫୩ନଂ ୱାର୍ଡ ଅନ୍ତର୍ଗତ ଅନ୍ଦରପୁରଠାରେ ବରିଷ୍ଠ ନାଗରିକ କଲ୍ୟାଣ କେନ୍ଦ୍ର ପରିସରେର ନୂଆବଜାର ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟେର ବରିଷ୍ଠ ନାଗରିକଙ୍କ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଅଛି । ନୂଆବଜାର ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଙ୍କ ଦ୍ୱାରା ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକୀୟ ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା । ଏଥିସହ ୭୦ବର୍ଷରୁ ଉର୍ଦ୍ଧ୍ୱ ବୟସର ନାଗରିକମାନଙ୍କୁ ସରକାରଙ୍କ ଆୟୁଷ୍ମାନ ବେୟାବନ୍ଦନା କାର୍ଡ ଯୋଗାଇ ଦେବାର ବ୍ୟବସ୍ଥ୍ୟ ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମେର ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁଶ୍ରୀ ଅପରାଜିତା ରାଉତରାୟ, ଜନସ୍ୱାସ୍ଥ୍ୟ ପରିଚାଳକ ନିଗମ ସାହୁ, ନର୍ସିଂ ଅଫିସର ସୁଶ୍ରୀ ପଦ୍ମଜା ପ୍ରିୟଦର୍ଶିନୀ ରାଉତ, ସୁଶ୍ରୀ ଜୟନ୍ତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଏହି କେନ୍ଦ୍ରର ସମ୍ପାଦକ ରାଜନୀକାନ୍ତ ପରିଜା ଶିବିରଟିକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟେର ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଉପସଭାପତି ଭାଗ୍ୟଧର ବ୍ରହ୍ମା, ନିତ୍ୟାନନ୍ଦ ଭୋଳ, ସତ୍ୟକୁମାର ସାହାଣୀ, ଅକ୍ଷୟ କୁମାର ଦେ, ବିଜୟାନନ୍ଦ ସାହୁ, ବିଷ୍ଣୁ ଚରଣ ରାଉତ, ରେମଶ ଚନ୍ଦ୍ର ଦାସ, ପ୍ରାଣକୃଷ୍ଣ ଜେନାଙ୍କ ସହିତ ସ୍ଥାନୀୟ କେପର୍ଟେରଟର ଅରବିନ୍ଦ ଜେନା ଏବଂ ମଧୁପାଟଣା ଥାନା ଅଧିକାରୀ ଚିତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳନ

ମାଲକାନଗିରି,୫।୯ (ନି.ପ୍ର) : ଆଜି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ଉଲ୍ଲାସ ଓ ଗଭୀର ସମ୍ମାନ ସହ ପାଳନ କରାଗଲା । ଏହି ଦିନଟି ଭାରତର ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ ଓ ଶିକ୍ଷକ ଡା. ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜନ୍ମଦିବସ ଉପଲକ୍ଷେ ସମଗ୍ର ଦେଶରେ ପାଳନ କରାଯାଏ । ପ୍ରଭାତ ୯ଟାରେ କାର୍ଯ୍ୟକ୍ରମର ଆରମ୍ଭ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ସମ୍ମିଳିତ ସାନ୍ଧ୍ୟା-ସଭା ସହିତ ହୋଇଥିଲା । ସଭାର ସଭାପତି ପ୍ରଧାନଶିକ୍ଷକ ଶାନ୍ତିରାଣୀ ବିଶ୍ୱାସ, ମୁଖ୍ୟ ଅତିଥି ବିନୋଦ କୁମାର ବିଶୋଇ,(ମୂଖ୍ୟ ପରିଚାଳକ, SBI), ମୁଖ୍ୟ ବ୍ୟକ୍ତା ଡକ୍ଟ. ରଞ୍ଜନ କୁମାର ସ୍ୱାଇଁ, ବାଣିଜ୍ୟ ଅଧକ୍ଷ, ମାଲକାନଗିରି ସ୍ନାତକ ଉଚ୍ଚ ବିଦ୍ୟାଳୟ, ସମ୍ମାନିତ ଅତିଥି ଅଜିତ କୁମାର ଆଚାର୍ଯ୍ୟ (ଉପ ପରିଚାଳକ, SBI ) ଅନ୍ୟ ସମ୍ମାନିତ ଅତିଥି ସୌମ୍ୟ ରଞ୍ଜନ ବେହେରା (SBI) ଙ୍କୁ ସ୍ୱାଗତ ଜଣାଇଲେ ଓ ସେମାନଙ୍କ ଦ୍ୱାରା ଦୀପପ୍ରଜ୍ୱଳନ ଓ ପୁଷ୍ପାର୍ପଣ କରି ସଭା ଆରମ୍ଭ କରାଗଲା ।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଗତ ଗୀତ ସମସ୍ତଙ୍କୁ ଆନନ୍ଦିତ କରିଥିଲା । ପରେ ବିଭିନ୍ନ କକ୍ଷାର ଛାତ୍ରଛାତ୍ରୀମାନେ



ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ – କେହି ଗୀତ, କେହି ନୃତ୍ୟ, କେହି କବିତା ପାଠ କରିଥିଲେ । ଅନେକ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ସମ୍ମାନ ଜଣାଇ ନାଟକ ଓ ସ୍କିଟ ପ୍ରଦର୍ଶନ କରିଥିଲେ, ଯେଉଁଥିରେ ଶିକ୍ଷକଙ୍କ ତ୍ୟାଗ, ଶିକ୍ଷାର ମହତ୍ତ୍ୱ ଓ ଗୁରୁ-ଶିଷ୍ୟ ସମ୍ପର୍କର ଉଲ୍ଲେଖ ଥିଲା । ଏହି ସୁଯୋଗରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରି ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ।

“ଶିକ୍ଷକମାନେ କେବଳ ପାଠ୍ୟପୁସ୍ତକର ଜ୍ଞାନ ଦେଇନଥାନ୍ତି, ସେମାନେ ଜୀବନର ଦିଗ୍ଦର୍ଶନ କରନ୍ତି । ସମ୍ମାନ, ଶ୍ରଦ୍ଧା ଓ ଶ୍ରମଶୀଳତାରେ ଆଗକୁ ବଢ଼ିବାକୁ ସମସ୍ତ ଛାତ୍ରମାନେ ପ୍ରେରଣା ନେବା ଉଚିତ।”

ଏହା ପରେ ତା’ପରେ ଛାତ୍ରମାନେ ହସ୍ତନିର୍ମିତ କାର୍ଡ, ପୁଷ୍ପଗୁଚ୍ଛ ଓ ସ୍ମୃତିଚିହ୍ନ ଦେଇ ଶିକ୍ଷକମାନଙ୍କୁ ସମ୍ମାନ ଜଣାଇଥିଲେ । ବିଶେଷ କରି ଦୀର୍ଘ ସେବା କରୁଥିବା ଶିକ୍ଷକ/ଶିକ୍ଷୟତ୍ରୀ ରିତାଞ୍ଜଳି ସାମଲ, ଏମ୍ ନନ୍ଦିନୀ, ସ୍ମୃତିକା ସୁକୁଲ, ସୁହାନି ବାଘ , ଇସାନି ଶତପଥୀ, ତ୍ରୈଲକ୍ଷ୍ୟ ହୀରା, ନିହାର ରଞ୍ଜନ ଚୌଧୁରୀ, ତନ୍ମୟ ମହାପାତ୍ର, ବିଷ୍ଣୁ ପ୍ରସାଦ ସୁବୁଦ୍ଧି , ଶିବ ମୋହନ ପଣ୍ଡା, ଶଙ୍କରଚନ୍ଦ୍ର ମହାପାତ୍ର, ସତୃଷ୍ଣା ପୃଷ୍ଟି, ବିଥିକା ସର୍ଦ୍ଦାର, କିରଣବାଲା ରାଉତ ସମେତ ସମସ୍ତ ଶିକ୍ଷକ ବ୍ୟାଙ୍କ ପରିଚାଳନା ସମିତି ପକ୍ଷରୁ ସ୍ମୃତିଚିହ୍ନ ଦେଇ ଅଭିନନ୍ଦନ କରାଗଲା । ଶେଷରେ ଛାତ୍ରଛାତ୍ରୀ ମାନେ ଧନ୍ୟବାଦ ଜଣାଇଥିଲେ ଏବଂ ସମସ୍ତଙ୍କୁ ସହଯୋଗ ପାଇଁ କୃତଜ୍ଞତା ବ୍ୟକ୍ତ କରିଥିଲେ । ସାରାଦିନ ଆନନ୍ଦ, ଶ୍ରଦ୍ଧା ଓ ଶିକ୍ଷକଙ୍କ ପ୍ରତି କୃତଜ୍ଞତାରେ ପୂର୍ଣ୍ଣ ହୋଇଥିଲା ।

# ଓଡିଶାରେ ଭୁଶୁଡି ପଡ଼ିଛି ଶିକ୍ଷା ବ୍ୟବସ୍ଥା

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଶିକ୍ଷକରୁ ମୁଖ୍ୟମନ୍ତ୍ରୀ ହୋଇଥିବା ମୋହନ ବାବୁ ଦୃଷ୍ଟି ଦେବାକୁ କଂଗ୍ରେସର ଦାବି

ଭୁବନେଶ୍ୱର,୫।୯ (ନି.ପ୍ର) : ନିକଟରେ ଶିକ୍ଷା ମନ୍ତ୍ରାଳୟ ପ୍ରକାଶ କରିଥିବା ୟୁ.ଡି.ଆଇ.ଏସ.ଇ ପ୍ଲସ ୨୦୨୪ – ୨୫ ରିପୋର୍ଟ ଓଡ଼ିଶାର ସ୍କୁଲ ଶିକ୍ଷାର ଦୟନୀୟ ଚିତ୍ରକୁ ସ୍ପଷ୍ଟ କରିଦେଇଛି । ଏହା ମାତ୍ର ଏକ ଶିକ୍ଷା ସଙ୍କଟ ନୁହେଁ, ଏହା ସମଗ୍ର ସମାଜ ପାଇଁ ଏକ ଗମ୍ଭୀର ସଙ୍କେତ । ଆଜି ଗୁରୁ ଦିବସ ଅବସରରେ ଓଡ଼ିଶାର ବିକଳ ଶିକ୍ଷା ବ୍ୟବସ୍ଥାକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମିଡିଆ ସେଲ୍ ଉପାଧକ୍ଷ ଅମିୟ ପାଣ୍ଡବ କହିଥିଲେ , ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଧସିପଡୁଛି । ମୁଖ୍ୟମନ୍ତ୍ରୀ ସମ୍ପାଦକୀୟ ଲେଖି ଭଲ ଶିକ୍ଷାର ପ୍ରୟୋଜନୀୟତାର କଥା କହୁଛନ୍ତି, କିନ୍ତୁ ସତ୍ୟ ବାସ୍ତବତା ଠାରୁ ବହୁ ଦୂରରେ । ଭାରତର ଶିକ୍ଷାମନ୍ତ୍ରୀ ଓଡ଼ିଶାର ପୁଅ ହୋଇଥିଲେ ମଧ୍ୟ ନିଜ ରାଜ୍ୟର ପିଲାମାନଙ୍କ ଶିକ୍ଷା ସଙ୍କଟକୁ ବୁଝିପାରୁନାହାନ୍ତି । ଦୁଃଖର ବିଷୟ, ଭାରତର ୧୦୦ ଶିକ୍ଷା ସଂସ୍ଥାନ ତାଲିକାରେ ଓଡ଼ିଶାର ଗୋଟିଏ ସରକାରୀ ସଂସ୍ଥା ମଧ୍ୟ ନାହିଁ ।

କଂଗ୍ରେସ ପ୍ରବକ୍ତା ଡ. ମନିଷା ଦାସ ପଟ୍ଟନାୟକ କହିଛନ୍ତି ଯେ, ମାତ୍ର ଗୋଟିଏ ବର୍ଷରେ ଓଡ଼ିଶା ଏକ ଲକ୍ଷ ବାରହଜାର ଆଠ ଶହ ଅଠାବନ(୧,୧୨,୮୫୮) ଛାତ୍ରଛାତ୍ରୀଙ୍କୁ ହରାଇଛି ଏବଂ ୧୨୮ଟି ସ୍କୁଲ ବନ୍ଦ ହୋଇଯାଇଛି । ଲକ୍ଷ ଲକ୍ଷ ଗରିବ, ଆଦିବାସୀ ଓ ଦଳିତ ପିଲାମାନଙ୍କ



ପାଇଁ ଯେଉଁ ଶିକ୍ଷା ସବୁଠାରୁ ବଡ଼ ପ୍ରାଥମିକତା ହେବା ଉଚିତ, ସେଠାରେ ସରକାରୀ ଅବହେଳା ପାଇଁ ସ୍କୁଲଗୁଡ଼ିକ ବନ୍ଦ ହେଉଛି ଏବଂ ପିଲାମାନେ ପାଠପଢ଼ା ଛାଡୁଛନ୍ତି । ସେ କହିଥିଲେ, ସରକାର ଶିକ୍ଷକ ସଂଖ୍ୟା ବୃଦ୍ଧି ନେଇ ଗର୍ବ କରୁଥିବାବେଳେ ଆଜିବି ୧୦୮୯ରୁ ଅଧିକ ସ୍କୁଲ କେବଳ ଜଣେ ମାତ୍ର ଶିକ୍ଷକ ଉପରେ ନିର୍ଭରଶୀଳ, କିଛି ସ୍କୁଲରେ ଆଦୌ ଶିକ୍ଷକ ମଧ୍ୟ ନାହାନ୍ତି । ଏହା ଶିକ୍ଷା ଅଧିକାର ଆଇନର ସ୍ପଷ୍ଟ ଉଲ୍ଲଂଘନ । ଅଭିଭାବକମାନେ ସରକାରୀ ସ୍କୁଲରୁ ଭରସା ହରାଇ ୫୭% ପିଲାଙ୍କୁ ଘରୋଇ ଟ୍ୟୁସନ୍ ?ରେ ପଠାଇବାକୁ ବାଧ୍ୟ ହୋଇଛନ୍ତି । ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାର ପ୍ରତିବର୍ଷ ହାରାହାରି ୩୫୪୭ ଟଙ୍କା ଏବଂ ସହରାଞ୍ଚଳରେ ୧୦୮୯୯ ଟଙ୍କା ଟ୍ୟୁସନ ପାଇଁ ଖର୍ଚ୍ଚ କରୁଛନ୍ତି, ଯାହା ଗରିବ ପରିବାର ପାଇଁ ଏକ ଭୟାବହ ବୋଝ ।

ଡ. ପଟ୍ଟନାୟକ ଆହୁରି କହିଛନ୍ତି, ଡିଜିଟାଲ୍ ଶିକ୍ଷା ଉପରେ ସରକାରୀ ଘୋଷଣାର ଧାରାବାହିକତା ଥିଲେମଧ ସତ୍ୟ ଅତ୍ୟନ୍ତ ଦୁଃଖଦ । କେବଳ ୧୬% ସରକାରୀ ସ୍କୁଲରେ କମ୍ପ୍ୟୁଟର ଅଛି, ୧୫% ସ୍କୁଲରେ ଡିଜିଟାଲ୍ ଲାଇବ୍ରେରୀ, ଏବଂ ୩୩% ସ୍କୁଲରେ ସ୍ମାର୍ଟ କ୍ଲାସରୁମ୍ । ଦିଲ୍ଲୀ, କେରଳ, ଗୁଜରାଟ ଭଳି ରାଜ୍ୟ ସହିତ ତୁଳନା କଲେ ଓଡ଼ିଶା ବହୁତ ପଛରେ । ମଧାହ୍ନ ଭୋଜନ, ଯାହା କେବେ ଗରିବ ପିଲାଙ୍କ ପାଇଁ ଦିନର ଏକମାତ୍ର ପୁଷ୍ଟିକର ଖାଦ୍ୟ ଥିଲା, ସେଥିରେ ମଧ୍ୟ ଅନିୟମିତତା, ନିମ୍ନମାନ ଏବଂ ଦୁର୍ନୀତି ଦେଖାଯାଉଛି । ଏଥିପାଇଁ ଅନେକ ପିଲା, ବିଶେଷକରି ଝିଅମାନେ, ପାଠପଢ଼ା ଛାଡୁଛନ୍ତି ।

ସେ କହିଛନ୍ତି, ଆଜିବି ପ୍ରାୟ ୧୭୦୦ ସ୍କୁଲରେ ପୁଅମାନଙ୍କ ପାଇଁ, ୭୦୦ ସ୍କୁଲରେ ଝିଅମାନଙ୍କ ପାଇଁ ଶୌଚାଳୟ ନାହିଁ, ୧୬୦୦ରୁ ଅଧିକ ସ୍କୁଲରେ ବିଦ୍ୟୁତ୍ ନାହିଁ । ଏହା ମୌଳିକ ସମ୍ମାନର ହନନ । ସବୁଠାରୁ ଦୁଃଖଦ, ୨୦୧୯–୨୦ରେ ଶିକ୍ଷା ପାଇଁ ବଜେଟ୍ ୧୪.୪% ଥିଲା, ୨୦୨୪–୨୫ରେ ତାହା ୧୦.୬% କୁ ହ୍ରାସ ପାଇଛି । ଏହାର ଅର୍ଥ, ଓଡ଼ିଶା ସରକାରଙ୍କ ପାଇଁ ଶିକ୍ଷା କେବେବି ପ୍ରାଥମିକତା ନୁହେଁ । ଆଦିବାସୀ ପିଲାଙ୍କୁ ଉଚ୍ଚମାନର ଶିକ୍ଷାଦେବା ପାଇଁ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ୨୦୧୫-୧୬ ରେ ଆରମ୍ଭ ହେଇଥିବା ଅନ୍ୱେଷା ଯୋଜନା ସରକାର୍ ବନ୍ଦ୍ କରିଦେବାକୁ ଚକ୍ରାନ୍ତ ଚଲାଇଛନ୍ତି । ଏପରିକି ପାଞ୍ଚ ମାସ ହେଲାଣି ଅନ୍ୱେଷା ଅନୁଦାନ ମଧ୍ୟ ଯୋଗାଇ ଦିଆ ଯାଉନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକରେ ମଧ୍ୟ ପିଲାଙ୍କ ମୌଳିକ ଆବଶ୍ୟକତା ଯଥା ଖେଳନା ସାମଗ୍ରୀ ନଥିବା ରାଜ୍ୟ ଶିଶୁ ବିକାଶ ବିଭାଗର ତଥ୍ୟକୁ ମଧ୍ୟ ଡ. ପଟ୍ଟନାୟକ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଥିଲେ ।

ପ୍ରବକ୍ତା ଜଗଦାନନ୍ଦ ପ୍ରଧାନ ମଧ୍ୟ କହିଛନ୍ତି, ଏନ.ସି.ଇ.ଆର.ଟି (ଘଉରଜଞ୍ଚ) ପୁସ୍ତକକୁ ମନମୁତାବକ ବଦଳାଯାଉଛି । ପ୍ରକୃତ ଇତିହାସକୁ ବିକୃତ କରାଯାଉଛି ଏବଂ ପିଲାଙ୍କ ମଧ୍ୟରେ ସାମ୍ପ୍ରଦାୟିକତା ପ୍ରସାରଣର ମାଧ୍ୟମ କରାଯାଉଛି । ଏହା ଦେଶର ଶିକ୍ଷାକୁ ବିକୃତ କରିବାର ଏକ ଅପଚେଷ୍ଟା । କଂଗ୍ରେସର ସ୍ପଷ୍ଟ ମତ ହେଉଛି ଯେ, ଶିକ୍ଷା କୌଣସି ଦାନ ନୁହେଁ ଏହା ଏକ ମୌଳିକ ଅଧିକାର । ଓଡ଼ିଶାର ପିଲାମାନଙ୍କ ଭବିଷ୍ୟତକୁ ସରକାରୀ ଅବହେଳାରେ ବନ୍ଧକ ହେବାକୁ ଦିଆଯିବ ନାହିଁ ବୋଲି ଶ୍ରୀ ପ୍ରଧାନ ଚେତେଇ ଦେଇଛନ୍ତି ।

# ରେଳଗାଡ଼ି ଧକ୍କାରେ ଗୁରୁତର ଆହାତ ଗଜରାଜ

ରାଜଗାଙ୍ଗପୁର,୫।୯ (ନି.ପ୍ର) : ରାଜଗାଙ୍ଗପୁର ରେଲଷ୍ଟେସନ ନିକଟସ୍ଥ ସୋନାଖାନ ସଗରା ମଝିରେ ଗତକାଲି ବିଳମ୍ବିତ ରାତିରେ ଅଜଣା ରେଳଗାଡ଼ି ଧକ୍କାରେ ଗୁରୁତର



ଆହାତ ଗଜରାଜ ରେଳ ଧାରଣାରେ ପଡ଼ିରହିଲା । ସୁଚନା ପାଇଁ ରେଳ ସୁରକ୍ଷା ବଳ,ବଣ ବିଭାଗ ସ୍ଥାନୀୟ ପୋଲିସ ଓ ପଶୁ ଡାକ୍ତରମାନେ ଘଟଣା ସ୍ଥଳରେ ପହଞ୍ଚି ଆହାତ ଗଜରାଜ କୁ ପାଣି,ଫଳ ଚିକିତ୍ସା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିଥିଲେ । ହାଓ୍ୱଡା ମୁମ୍ବାଇ ମୁଖ୍ୟ ରେଳ ମାର୍ଗ ଥିବା ଉକ୍ତ ରେଳ ଧାରଣାରେ ସମସ୍ତ ରେଳ ଗାଡ଼ି ବାତିଲ ହୋଇ ବିଭିନ୍ନ ଷ୍ଟେସନ ଓ ରେଳ ଲାଇନରେ ଛିଡ଼ା ହୋଇଥିଲା । ଗୁରୁତର ଆହାତ ଗଜରାଜ କୁ ରେଳ ଧାରଣାରୁ ସ୍ଥାନାନ୍ତରିତ କରି ଚିକିତ୍ସା ପାଇଁ ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ବିଚାର ବିମର୍ଶ କରୁଥିବା ପରିଲକ୍ଷିତ ହୋଇଥିଲା ।

# ସମୁଦ୍ର କୂଳରୁ ଗଳିତ ଶବ ଉଦ୍ଧାର

କୋଣାର୍କ, ୦୫/୯ (ନି.ପ୍ର) : ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ କୋଣାର୍କ – 



ପୁରୀ ବେଳା ମାର୍ଗ ମେରେନଡ୍ରାଇଭି ରାସ୍ତା ଲିଆଖିଆ ବ୍ରିଜ ନିକଟ କୃଶଭଦ୍ରା ନଦୀ ସମ୍ମୁଖ ସମୁଦ୍ର କୂଳରୁ ଗଳିତ ଶବକୁ ଉଦ୍ଧାର କରିଛି ମେରାଇନ ପୋଲିସ । ମୃତ୍ୟୁ ର କାରଣ ଅସ୍ପଷ୍ଟ । ଏହା ହତ୍ୟା କି ଆତ୍ମହତ୍ୟା ଜାଣିବା ପାଇଁ ଘଟଣା ସ୍ଥଳରେ ପୁରୀ ସାଇଣ୍ଟିଫିକି ଟିମ ତଦନ୍ତ ଜାରି ରଖିଛି । ଉଦ୍ଧାର ଗଳିତ ସବଟି ସାତ ଆଠ ଦୀନ ତଳର ଅନୁମାନ କରା ଯାଉଥିବା ବେଳେ ସବଟିର ମୁଣ୍ଡ କଙ୍କାଳ ହୋଇ ଯାଇଥିବା ବେଳେ ସେ ଏକ ବ୍ଲୁ ରଙ୍ଗର ପ୍ୟାଣ୍ଟ ଓ ହାତରେ ଏକ କଡ଼ା ଥିବାରୁ ପୁରୁଷ ଲୋକର ବୋଲି ଅନୁମାନ କରା ଯାଉଛି । ଏନେଇ ମେରାଇଁନ୍ ଥାନା ପକ୍ଷରୁ ୬/୨୫ ରେ ଏକ ଅପମୃତ୍ତୁ ମାମଲା ରୁଜୁକରାଯାଇ ତଦନ୍ତ କରା କରା ଯାଇଛି । ଶବ ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲକୁ ପଠା ଯାଇଛି ।ଏହା ହତ୍ୟା ନାଁ ଆତ୍ମହତ୍ୟା ବିଭିନ୍ନ ଦିଗକୁ ନେଇ ଚନ୍ଦ୍ରଭାଗା ମେରାଇନ ପୋଲିସ ତରଫରୁ ଅଧିକ ତଦନ୍ତ ଚାଲିଥିବା ବେଳେ ଘଟଣସ୍ଥଳରେ ଚନ୍ଦ୍ରଭାଗା ମେରାଇନ ପୋଲିସ ସାଇଁଣ୍ଟିଫିକ ଟିମ ଉପସ୍ଥିତ ଥିଲେ । ଶବ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଚନ୍ଦ୍ରଭାଗା ମେରାଇନ ଥାନା ଅଧିକାରୀ ପ୍ରତିମା ସାହୁ ସୂଚନା ଦେଇଛନ୍ତି ।

# ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆରମ୍ଭ

ଭୁବନେଶ୍ୱର,୫।୯ (ନି.ପ୍ର) : କଳାତ୍ମକ ଉତ୍କର୍ଷତା ହାସଲ କରିବାରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକ ଉନ୍ନତ ପ୍ରଦର୍ଶନକୁ ସ୍ମରଣ କରି, ସୃଜନ – ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ୫ ତାରିଖ ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରେ ରବୀନ୍ଦ୍ର ମଣ୍ଡପରେ ୩୧ତମ ଗୁରୁ କେଳୁଚରଣ ମହାପାତ୍ର (ଜିକେସିଏମ) ପୁରସ୍କାର ଉତ୍ସବ ୨୦୨୫ଆୟୋଜନ କରୁଛି । ଏହି ପୁରସ୍କାର ମହୋତ୍ସବ ସ୍ୱର୍ଗତ ଓଡିଶୀ ନୃତ୍ୟ ବିଶାରଦ ଏବଂ ପଦ୍ମ ବିଭୂଷଣ ପୁରସ୍କାରପ୍ରାପ୍ତ ଗୁରୁ ଶ୍ରୀ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଦୃଷ୍ଟିକୋଣକୁ ପାଳନ କରିବାରେ ଅଟଳ ରହିଛି ଯାହା ଦ୍ୱାରା ପ୍ରଦର୍ଶନ କଳାକୁ ସର୍ବୋତମ ଭାବରେ ପାଳନ କରି ଅମୂଲ୍ୟ ଐତିହ୍ୟ ପ୍ରତି ଗଭୀର ପ୍ରଶଂସା ଜାଗ୍ରତ କରିପାରିବ ।

ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ମାନ୍ୟବରଭୁବନେଶ୍ୱର ଏକାମ୍ର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ;ଓଡ଼ିଶାର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ତଥା ନାଟ୍ୟ ବ୍ୟକ୍ତିତ୍ୱ ଶ୍ରୀ ଅନନ୍ତ ମହାପାତ୍ର;ପୂର୍ବତନ ରାଜସ୍ୱ ପରିଷଦର ଅଧ୍ୟକ୍ଷ ତଥା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ସ୍ୱାଧୀନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଶୋକ କୁମାର ତ୍ରିପାଠୀ; ଉତ୍କଳ ମାନୁଫାକଚରିଂ ଆଣ୍ଡ ସର୍ଭିସେସ୍ ଲିମିଟେଡ୍ (ୟୁଏମଏସଏଲ)ର ଉପାଧକ୍ଷ ଏବଂ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀମତୀ ପରମିତା ପଣ୍ଡାଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ ଷ୍ଟଡିଜ୍ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ହେବା ସହିତ ସୃଜନମୂଳକ ବକ୍ତବ୍ୟ ରଖି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

ଉଦଘାଟନୀ ସନ୍ଧ୍ୟା ଶ୍ରୀମତୀ ସୁଜାତା ମହାପାତ୍ର ଏବଂ ସୁଶ୍ରୀ ପ୍ରୀତିଶା ମହାପାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ସହିତ ଆରମ୍ଭ ହୋଇଥିଲା, ଯେଉଁମାନେ ଏକ ଚମତ୍କାର ମା-ଝିଅ ଯୋଡିରେ ନୃତ୍ୟ ପ୍ରସ୍ତୁତ କରିଥିଲେ,ଯାହା ଗୁରୁ କେଳୁଚରଣ ମହାପାତ୍ରଙ୍କ ଘରାନାର ସମୃଦ୍ଧ ଐତିହ୍ୟକୁ ପ୍ରତିପାଦିତ କରିଥିଲା । ସେମାନେ ‘ଗୁରୁବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରୁର୍ଦେବୋ



ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ’ ପବିତ୍ର ଶ୍ଳୋକ ପରେ ସର୍ବଶକ୍ତିମାନ, ଗୁରୁ ଏବଂ ପରବ୍ରହ୍ମଙ୍କ ପ୍ରତି ଏକ ଶ୍ରଦ୍ଧାପୂର୍ଣ୍ଣ ଆବାହନ ସହିତ ନୃତ୍ୟ ଆରମ୍ଭ କରିଥିଲେ । ଆଦି ତାଳରେ ରାଗ ମାଳିକା (ଭୈରବ, ବୈରାଗୀ, ଦରବାରୀ ଏବଂ ଭୈରବୀ) ଉପରେ ଆଧାରିତ ଏହି ଅଂଶଟି ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ନୃତ୍ୟ ନିର୍ଦ୍ଦେଶିତ ଏବଂ ଶ୍ରୀ ସେମ୍ପଗୋଡୁ ଏସ. ବିଘ୍ନରାଜଙ୍କ ସଙ୍ଗୀତ ରଚନାରେ ପରିବେଷିତ ହୋଇଥିଲା । ଏହା ପରେ ସେମାନେ ସତ୍ୟକାମ ଜାବାଲା, ଛନ୍ଦୋଗ୍ୟୋପନିଷଦର ଏକ ହୃଦୟଙ୍ଗମ କାହାଣୀ ଯାହା ଆତ୍ମ-ସାକ୍ଷାତ ଆଡ଼କୁ ବ୍ୟକ୍ତିର ଯାତ୍ରାରେ ସତ୍ୟ ଏବଂ ସମର୍ପଣକୁ ପାଳନ କରେପ୍ରସ୍ତୁତ କରିଥିଲେ । ଏକାକୀ ମାତା ଜାବାଲାଙ୍କ ଦ୍ୱାରା ପାଳିତ ଏକ ଛୋଟ ବାଳକର ଏହି କାହାଣୀ ଗଭୀର ନୈତିକ ମୂଲ୍ୟବୋଧକୁ ଉଜାଗର କରେ ଯାହା ଆମକୁ ପରମ ବାସ୍ତବତା ପାଇଁ ଆମର ସନ୍ଧାନରେ ମାର୍ଗଦର୍ଶନ କରେ – ବ୍ରହ୍ମର ଜ୍ଞାନ, ଅନନ୍ତ ସତ୍ୟ । ଯେତେବେଳେ ସତ୍ୟକାମ (ପ୍ରୀତିଶାଙ୍କ ଦ୍ୱାରା ଚିତ୍ରିତ) ଏକ ଗୁରୁକୂଳରେ ଯୋଗଦେବାର ଇଚ୍ଛା ପ୍ରକାଶ କରନ୍ତି, ତାଙ୍କ ମାତା (ଶ୍ରୀମତୀ ସୁଜାତା ମହାପାତ୍ର)ଙ୍କ ସଚ୍ଚୋଟ ପରାମର୍ଶ ‘ତୁମେ ଜାବାଲା, ଜାବାଲାଙ୍କ ପୁତ୍ର । ସର୍ବଦା ସତ୍ୟ କୁହ ଏବଂ କେବେବି ଏଥିପାଇଁ ଲଜ୍ଜିତ ହୁଅ ନାହିଁ’ ତାଙ୍କ ଚରିତ୍ରର ମୂଳଦୁଆ ହୋଇଯାଏ । ରାଗ ମାଳିକା ଏବଂ ତାଳ ମାଳିକା ଉପରେ ସଜ୍ଜିତ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଓଡ଼ିଆ ଲିପି, ଗୁରୁ ଲକ୍ଷ୍ମୀକାନ୍ତ ପାଲିତଙ୍କ ସଙ୍ଗୀତ ରଚନା, ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ନିର୍ଦ୍ଦେଶନା ଏବଂ ତାଳ ରଚନା ସହିତ ପରିବେଷିତ ହୋଇଥିଲା । ଜଣେ ମାଆ ତାଙ୍କ ପୁଅକୁ ଶିଖାଇବାର କାହାଣୀ ଯେ ସଚ୍ଚୋଟତା ଲଜ୍ଜିତ ହେବାର କଥା ନୁହେଁ- ଜଣେ ପ୍ରକୃତ ମାଆ ଏବଂ ଝିଅଙ୍କ ଦ୍ୱାରା ପରିବେଷଣ କରାଯିବା ସମୟରେ ଏହା ଗଭୀର ଭାବରେ ବ୍ୟକ୍ତିଗତ ଅନୁଭବ ହୋଇଥିଲା । ସେମାନଙ୍କ ସମ୍ପର୍କ ପ୍ରଦର୍ଶନ କରିଥିଲା ଯେ କିପରି ପାରମ୍ପରିକ ଗୁରୁ-ଶିଷ୍ୟ ଏବଂ ପାରିବାରିକ ବଂଶ କେବଳ କୌଶଳ ନୁହେଁ, ବରଂ ପିଢ଼ି ପିଢ଼ି ମଧ୍ୟରେ ମୂଲ୍ୟବୋଧକୁ ଦର୍ଶାଇଥିଲା ।

ଏହା ପରେ ଶ୍ରୀମତୀ ବିମ୍ବାବତୀ ଦେବୀ ଏବଂ ତାଙ୍କ ଦଳ, ମଣିପୁରୀ ନର୍ତନାଳୟ, ଦେବତାମୟୀ – ଦେବତାଙ୍କ ଆତ୍ମା ଉପସ୍ଥାପନ କରିଥିଲେ । ଶ୍ରୀମତୀ ବିମ୍ବାବତୀ ଦେବୀ, ଜଣେ ବହୁମୁଖୀ ମଣିପୁରୀ ପ୍ରଦର୍ଶକ ପୁଙ୍ଗ (ମଣିପୁରୀ ମୃଦଙ୍ଗ) ଏବଂ ମଣିପୁରର ପାରମ୍ପରିକ ସାମରିକ କଳା ଥାଙ୍ଗ୍ ତାରେ ମଧ୍ୟ ଦକ୍ଷ । ସେ ବର୍ତମାନ ମଣିପୁରୀ ନୃତ୍ୟର ବିଭିନ୍ନ ଦିଗକୁ ଅନୁସନ୍ଧାନ କରୁଥିବା ପରୀକ୍ଷାମୂଳକ ନୃତ୍ୟ ନିର୍ଦ୍ଦେଶନାରେ ନିୟୋଜିତ ଅଛନ୍ତି । ଦେବୀମାୟୀଙ୍କ ଉପସ୍ଥାପନାରେ, ମାତୃଦେବୀଙ୍କ ପ୍ରାଚୀନ ମଣିପୁରୀ ଧାରଣାକୁ ଦେବୀ ମାତାର ବୈଦିକ ବ୍ୟାଖ୍ୟା ସହିତ ବିପରୀତ ଏବଂ ତୁଳନା କରାଯାଇଛି । ଯାହା ତାଙ୍କର ଦେବତ୍ୱ ପୁରାଣ ଏବଂ ସ୍ଥାନୀୟ ଲୋକକଥାରୁ ଉତ୍ପନ୍ନ ହୋଇଛି, କେତେବେଳେ ପ୍ରକୃତିର ଶକ୍ତି ଭାବରେ, କେତେବେଳେ ମାତୃମୂର୍ତ୍ତି ଭାବରେ, କିମ୍ବା କେତେବେଳେ ପୂର୍ବପୁରୁଷ ଗର୍ଭ ଭାବରେ – ପ୍ରାୟତଃ ସମାନ । ସଙ୍ଗୀତରେ ସ୍ୱଦେଶୀ ମଣିପୁରୀ ସଙ୍ଗୀତ, ବେଦ,ପୁରାଣର ଭଜନ ଏବଂ ମନ୍ତ୍ରର ଏକ ସୁସଙ୍ଗତ ମିଶ୍ରଣ ବ୍ୟବହାର କରାଯାଇଥିଲାଏହି ପରିବେଷଣରେ । ମଣିପୁରୀ ନର୍ତନାଳୟର କଳାକାରମାନେ ଥିଲେ ଶ୍ରୀମତୀ ବିମ୍ବାବତୀ ଦେବୀ, ତନୁଶ୍ରୀ ଦାସ, କଙ୍କଣା ସିଂହ, ଇଭାନା ସରକାର, ନୋଏଲ ଦତ, ପରମିତା ମଖଲ, କଳ୍ପନା ୱାଇଖୋମ, କୌଶିକ ରାୟ ଏବଂ ମୌସମ୍ ନନ୍ଦୀ, ଯେଉଁମାନେ ଗୋପାଳ ଘୋଷଙ୍କ ବିକିରଣୀୟ ଆଲୋକ ଡିଜାଇନ୍ ଦ୍ୱାରା ସହାୟତା ପାଇଥିଲେ ।

ଶ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସହିତ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ସମଗ୍ର ଉତ୍ସବଟିକୁ ସଂକଳ୍ପିତ ଏବଂ ପରିକଳ୍ପନା କରାଯାଇଛି । ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ । ସୃଜନ କଟକର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହିତ ଅନୁଷ୍ଠାନିକ ସହଯୋଗରେ ଏହି ମହୋତ୍ସବର ଆୟୋଜନ କରୁଛନ୍ତି । ଏହି ମହୋତ୍ସବକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଓଏମସି), ଏମଜିଏମ ମିନେରାଲ୍ସ ଲିମିଟେଡ୍, ଶାଲିମାର, ଏସବିଆଇ, ନାଲକୋ, ଏମସିଏଲ, ଶାଲିମାରର ନଡ଼ିଆ ତେଲ, ଆଇଏମଏଫଏ, ପ୍ରିୟଦର୍ଶିନୀ ସିଲ୍କସ୍ ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ୍ ସମର୍ଥନ କରୁଛନ୍ତି । ରୟାଲ୍ ମିଡ୍‌ଟାଉନ୍ ହୋଟେଲ୍ ଏହାର ଆତିଥ୍ୟ ସହଭାଗୀ । ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ, ଏବଂ ନର୍ଥକି ଡଟ୍‌କମ୍ ଯଥାକ୍ରମେ ମିଡିଆ ପାର୍ଟନର୍ ଏବଂ ୱେବ୍ ପାର୍ଟନର୍ ଅଟନ୍ତି ।

# ସହରର ପ୍ରସିଦ୍ଧ ଗଣେଶ ଭସାଣୀ ଶାନ୍ତି ଶୃଙ୍ଖଳା ସହ ସମାପନ

ରାଜଗାଙ୍ଗପୁର,୫।୯ (ନି.ପ୍ର) : ଗତକାଲି ରାଜଗାଙ୍ଗପୁର ସହର ର ପ୍ରସିଦ୍ଧ ଐତିହାସିକ ଗଣେଶ ପୂଜା ଭସାଣୀ ପାଇଁ ରାଜଗାଙ୍ଗପୁର ତଥା ଜିଲ୍ଲା ପୋଲିସ ପ୍ରସାଶନ ପକ୍ଷରୁ କଡ଼ା ସୁରକ୍ଷା ବଳୟରେ ରେ ଅପରାହ୍ନ ୨ ଘଟିକା ସମୟରେ କମିଟି ସେଣ୍ଟରରୁ ଏକ ବିରାଟ ଶୋଭାଯାତ୍ରାରେ ହିନ୍ଦୁ ଧର୍ମର ପାରମ୍ପରିକ ନୃତ୍ୟ ଗୀତ ସାଂସ୍କୃତିକ ପୋଷାକ



ପିନ୍ଧି ନୃତ୍ୟ ଗୀତ ତାଲେ ତାଲେ ସହର ର ସମସ୍ତ ପୂଜା ପାଣ୍ଡାଲ କମିଟି ଏକାଠି ହୋଇ ସହର ପରିକ୍ରମା କରିଥିଲ ଉକ୍ତ ଶୋଭାଯାତ୍ରା ବିଳମ୍ବିତ ରାତିରେ ଲିପଲୋଇ ଠାରେ ଅସ୍ଥାୟୀ ପୋଖରୀ ରେ ସମସ୍ତ ପୂଜା ପାଣ୍ଡାଲ ର ଗଣେଶ ପ୍ରତିମା ପୋଲିସ ପ୍ରସାଶନ ସୁରକ୍ଷା ରେ ବିସର୍ଜନ କରାଯାଇଥିଲା । ଏହି ଅବସରରେ ରାଜଗାଙ୍ଗପୁର ମାନ୍ୟବର ବିଧାୟକ ଡଃ ସିଏସ ରାଜନ୍ ଏକ୍କା, ପଶ୍ଚିମାଞ୍ଚଳ ଡ଼ିଆଇଜି ବ୍ରିଜେଶ ରାଏ ଏସପି ଅମ୍ରିତପାଲ କୈର, ଏଏସପି ମହେନ୍ଦ୍ର ମୁର୍ମୁ, ଡିଏସପି ମନୋରଞ୍ଜନ ପ୍ରଧାନ, ଏସଡିପିଓ ବିଭୁତି ଭୁଷଣ ଭୋଇ ଥାନା ଅଧିକାରୀ ବିଜୟ ଦାସ ଙ୍କ ସହ ବିଭିନ୍ନ ଥାନା ଅଧିକାରୀ ସୁରକ୍ଷା ବଳ, ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ଥିଲେ । ଏସପି ଅମ୍ରିତପାଲ କୈର ଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ଓ ସମସ୍ତ କାର୍ଯ୍ୟକ୍ରମ ସୁ ପରିଚାଳନା କରିବା ସହ ଏଥରେ ସହର ବାସୀ ଓ ପୂଜା କମିଟି ସଦସ୍ୟ ସହଯୋଗ କରିଥିଲେ ।

